## ଯାଜପୁର ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ବୈଠକ

# ୧୪୬ଟି କେନ୍ଦ୍ରରେ ୨୪ ହଜାର ୫୦୯ ଜଣ ଦେବେ ପରୀକ୍ଷା

**ଯାଜପୁର, ୧୯।୨(ସମିସ):** ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ମାଟ୍ରିକ୍ ପରୀକ୍ଷା ନିମନ୍ତେ ଯାଜପୁର ଜିଲ୍ଲାର ସମସ୍ତ ପରୀକ୍ଷା ପରିଚାଳକ, ପରୀକ୍ଷା କେନ୍ଦ୍ର ନିରୀକ୍ଷକ ଓ ପ୍ରଶ୍ନପତ୍ର ବାହକ ସଦସ୍ୟଙ୍କୁ ନେଇ ମାଟ୍ରିକ ପରୀକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଯାଜପୁର ଜିଲ୍ଲାର ଦଶଟି ବ୍ଲକ୍‌ରୁ ୧୪୬ଟି ପରୀକ୍ଷା କେନ୍ଦ୍ରର ପରିଚାଳକଙ୍କ ସହପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରିଥିଲେ।



ଉକ୍ତ ବୈଠକରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ । ଚଳିତବର୍ଷ ମାଟ୍ରିକ ପରୀକ୍ଷା ପରିଚାଳନାରେ ନିଜର ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସମସ୍ତ କେନ୍ଦ୍ର ପରିଚାଳକଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ପରୀକ୍ଷା ପଦ୍ଧତି, ପରୀକ୍ଷା କାର୍ଯ୍ୟରେ ଅବହେଳା ପାଇଁ ଦଣ୍ଡବିଧାନ ଉପରେ ସତର୍କ କରାଇଥିଲେ। ବିଜ୍ଞାନ ନିରୀକ୍ଷକ ସେନ ସେନାପତି ପରୀକ୍ଷାକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ମତ ପ୍ରକାଶ କରିବା ସହ ଯାଜପୁର ଜିଲ୍ଲାର ମାଟ୍ରିକ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାର ୧୪୬ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୪୫୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷାର ପ୍ରଶ୍ନପତ୍ର ରଖିବା ନିମନ୍ତେ ୧୦ଟି ନୋଡାଲ ସେଣ୍ଟର ହୋଇଛି। ଏଥିସହିତ ୩୨ଟି ଡେସପାଚ୍ ଟିମ୍ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଦିନ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ୧୧ଟା ୪୫ରେ ସରିବ। ଫେବୃଆରୀ ୨୧ରେ ପ୍ରଥମ ଭାଷା ଓଡ଼ିଆ, ୨୪ରେ ଇଂରାଜୀ,୨୫ରେ ଟିଏଲଭି ପ୍ରାକ୍ଟିକାଲ, ୨୭ରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ୩ରେ ସାମାଜିକ ବିଜ୍ଞାନ ଓ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲାର ସମସ୍ତ ମାଧ୍ୟମିକ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଟିଏଲଭି ଓ ଧନ୍ଦାମୂଳକ ଶିକ୍ଷା ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ପରୀକ୍ଷାର୍ଥୀମାନେ ୫୦ ମାର୍କର ସବଜେକ୍ଟିଭ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଦେବେ।

## ପାଣିକୋଇଲି ନୋଡାଲ ସେଣ୍ଟର ଅଧୀନରେ ୧୭ କେନ୍ଦ୍ର

**ପାଣିକୋଇଲି,୧୯ ।୨(ସମିସ):** କୋରେଇ ଶିକ୍ଷାମଣ୍ଡଳ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ମାଟ୍ରିକ ପରୀକ୍ଷା ପାଇଁ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ଏହି ନୋଡାଲ ସେଣ୍ଟର ଅଧିନରେ ୧୭ଟି ପରୀକ୍ଷା କେନ୍ଦ୍ର ରଖାଯାଇଛି। କୋରେଇ ମଣ୍ଡଳରେ ଏହି ପରୀକ୍ଷା କେନ୍ଦ୍ର ପାଣିକୋଇଲି ହାଇସ୍କୁଲରେ ୨୧୫ ଜଣ, ବିସି ହାଇସ୍କୁଲ ରଣପୁରରେ ୧୨୮ ଜଣ, ବଡବିରୁହାଁ ହାଇସ୍କୁଲରେ ୨୦୧ ଜଣ , ବୈତରଣୀ ନୋଡାଲ ଉଚ୍ଚ ବିଦ୍ୟାପୀଠ ବରୁଣ୍ଡାଇରେ ୧୫୯ ଜଣ, ବ୍ରାହ୍ମଣୀ ଦେବୀ ହାଇସ୍କୁଲ ନଗୁଆଁରେ ୧୭୧ ଜଣ, ହିଙ୍ଗୁଳା ହାଇସ୍କୁଲ ଶଙ୍ଖଚିଲାରେ ୨୧୧ ଜଣ, କୋରେଇ ହାଇସ୍କୁଲରେ ୧୬୧ ଜଣ, ଏମଏଲଏ ହାଇସ୍କୁଲ ଦୁଲାଖାପାଟଣା ୧୦୪ ଜଣ, ଏନସି ହାଇସ୍କୁଲ ୨୧୯ ଜଣ, ଯାଜପୁରରୋଡ ୨୧୯ ଜଣ, ବ୍ୟାସନଗର ହାଇସ୍କୁଲ ଚୋରଦା ୧୯୩ ଜଣ , ଧବଳଗିରି ହାଇସ୍କୁଲ ୧୯୪, ପଚ୍ଛିକୋଟ ହାଇସ୍କୁଲ ୧୦୯ ଜଣ, ରଘୁନାଥ ସାହୁ ହାଇସ୍କୁଲ ତାରାକୋଟରେ ୧୧୭ ଜଣ, ଶଶୀଭୂଷଣ ବାଳିକା ହାଇସ୍କୁଲରେ ୧୮୨ ଜଣ, ସଚିବ ବିଦ୍ୟାଳୟ ମକୁନ୍ଦପୁର ୧୪୭ ଜଣ, ତୁଳତୀ ହାଇସ୍କୁଲ ୧୭୨ ଜଣ, ଅଶୋକ ଦାସ ବିଦ୍ୟାପୀଠ କନ୍ତୋର ୧୧୮ ଜଣ ଏଭଳି ୧୭ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୭୯୯ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ସ୍ଥିର ହୋଇଛି। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କେନ୍ଦ୍ରର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଅଧୀକ୍ଷକ ସହ ପର୍ଯ୍ୟବେକ୍ଷକ ମଧ୍ୟ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

## ବିଂଝାରପୁର ବ୍ଲକ୍‌ରେ ୨୪୦୬ ପରୀକ୍ଷାର୍ଥୀ

**ପ୍ରୀତିପୁର, ୧୯।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଚଳିତ ମାସ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ବିଂଝାରପୁର ବ୍ଲକ୍‌ରେ ୧୪ ଟି କେନ୍ଦ୍ରରେ ୨୪୦୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ନେଇ ବିଶେଷ ସୂତ୍ରରୁ ଜଣାପଡିଛି। ପରୀକ୍ଷା କେନ୍ଦ୍ର ମଧ୍ୟରୁ ବ୍ରଜସୁନ୍ଦର ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୨୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବିସିଜେ କେନ୍ଦ୍ରରେ ୧୫୧ ଜଣ , ବରୁଣେଇ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୭୮ ଜଣ, ତଳବନ୍ଧ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୬୬ ଜଣ, ଉତଙ୍ଗରା ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୮୧ ଜଣ, ଆଉଁରୀ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୯୪ ଜଣ, କଣ୍ଟିପୁର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୪୧ ଜଣ, ଫଳପୁର ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୯୫ ଜଣ, ଚାଉଁତରା ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୭୭ ଜଣ, ସତ୍ୟଭାମା ଗଣେଶ ଚନ୍ଦ୍ର ହାଇସ୍କୁଲ କପିଳା କେନ୍ଦ୍ରରେ ୧୩୮ ଜଣ, ଅଙ୍ଗାଳ ବାଳକ ହାଇସ୍କୁଲ କେନ୍ଦ୍ରରେ୧୪୩ ଜଣ, ଶ୍ରୀବନ୍ତ ହାଇସ୍କୁଲ କଲ୍ୟାଣପୁର କେନ୍ଦ୍ରରେ ୨୬୩ ଜଣ ଓ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବନିମ୍ନ ୯୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

## ଯୁଣଭଦ୍ରା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ପ୍ରୀତିପୁର,୧୯ ।୨(ସମିସ):** ବିଞ୍ଝାରପୁର ବ୍ଲକ୍‌ର ବିତନାଠାରେ ଅବସ୍ଥିତ ଥିବା ଯୁଣଭଦ୍ରା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ମାନସରଞ୍ଜନ ଲେଙ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସାଧୁଚରଣ ଜେନାଙ୍କ ଅବସର ପରେ ପ୍ରାଧ୍ୟାପକ ଲେଙ୍କା ଉକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଚିଠିସଂଖ୍ୟା ୭୬୮୬ ଅନୁଯାୟୀ ଅଧ୍ୟକ୍ଷ ଓ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାପରେ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀ ଓ ଜନସାଧାରଣଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି। ଉତ୍ତର ବିଞ୍ଝାରପୁରର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ଉକ୍ତ ମହାବିଦ୍ୟାଳୟର ଗୌରବ ଅକ୍ଷୁର୍ଣ୍ଣ ରଖିବା ସହିତ ଏହାର ଆଙ୍ଗିକ ଓ ଆଙ୍କିକ ବିକାଶ ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି।

■ ଯାଜପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ପିଆର ସ୍ପୋର୍ଟିଂକୁ ହରାଇ କିଲର ବୟ ଚାମ୍ପିଅନ୍



**ଯାଜପୁର,୧୯ ।୨(ସମିସ):** ଯାଜପୁର ବ୍ଲକ୍ ପଡ଼ିଆରେ ରକ୍ ଫ୍ୟାମିଲି ପକ୍ଷରୁ ଚାଲିଥିବା ଯାଜପୁର ପ୍ରିମିୟର ଲିଗ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଯାଜପୁର କିଲର ବୟ ଓ ଜଗତସିଂହପୁର ପିଆର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର କିଲର ବୟ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିନେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

## ଦେବେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

**ବ୍ୟାସନଗର,୧୯।୨(ସମିସ):** ବ୍ୟାସନଗର ପୌରାଞ୍ଚଳର ମହତାବ ନଗରରେ ଥିବା ଦେବେଶ୍ୱର ମହାପ୍ରଭୁଙ୍କ ଅଷ୍ଟାଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂଜକ କେଶବ ଚରଣ ପଣ୍ଡା ଓ ଅଜିତ ଶତପଥୀ ପୂଜା କରିଥିଲେ। ମହତାବ ନଗରର ଅଧିବାସୀ ଓ ପାଖଆଖ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ରହି ଦେବେଶ୍ୱରଙ୍କ କୃପାଲାଭ କରିଥିଲେ। ଦେବେଶ୍ୱର ଟ୍ରଷ୍ଟର ଇଂ ହେମନ୍ତ ଦାସ, ସାମ୍ବାଦିକ ହାରାଧନ ବାନାର୍ଜୀ, ଜମ୍ମୁନାଥ ସାମଲ, ସରୋଜ ଶତପଥୀ ଓ ସତ୍ୟଜିତ ଶତପଥୀ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥଲେ।

## ସ୍ୱେଚ୍ଛାକୃତ ବିବାହକୁ ମିଳୁନି ସ୍ୱୀକୃତି; ସୁରକ୍ଷା ଲୋଡ଼ିଲେ ଦମ୍ପତି

**ପାଣିକୋଇଲି, ୧୯ ।୨(ସମିସ):** ସ୍ୱେଚ୍ଛାକୃତ ଭାବେ ଉଭୟ ବିବାହ ବନ୍ଧନରେ ବାନ୍ଧିହେବା ପରେ ଏହାକୁ ଗ୍ରହଣ କରିପାରୁନାହାନ୍ତି ଝିଅଘର ପରିବାର। ବାଧକ ସାଜିଛି ଜାତିଗତ ବିଭେଦତା। ଫଳରେ ଘରକୁ ଫେରିପାରୁନାହାନ୍ତି ଦମ୍ପତି। ଏବେ ଘରକୁ ଫେରିବାକୁ ଇଚ୍ଛା କଲେବି ଜୀବନ ପ୍ରତି ବିପଦ ଥିବା ଭୟରେ ଆସିପାରୁନାହାନ୍ତି। ନିଜ ସୁରକ୍ଷା ପାଇଁ ଯାଜପୁର ଏସ୍‌ପି, ଯାଜପୁରରୋଡ ଏସଡିପିଓ ଓ କୋରେଇ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୁଲିସ ସୁରକ୍ଷା ପାଇଲେ ଘରକୁ ଫେରିବା ଆଶା ରଖିଛନ୍ତି ଦମ୍ପତି। କୋରେଇ ଥାନା ଅନ୍ତର୍ଗତ ଝୁମ୍ପାଣ ଗ୍ରାମର ସୁଶାନ୍ତ କୁମାର ସେଠୀ ଓ ସ୍ନେହମୟୀ ମହାପାତ୍ରଙ୍କ କ୍ଷେତ୍ରରେ ଏହା ଘଟିଛି। ଉଭୟଙ୍କ ମଧ୍ୟରେ ପ୍ରାୟ ଏକବର୍ଷ ହେବ ପ୍ରେମ ହୋଇଥିଲା। ଏନେଇ ଉଭୟ ନିଜ ପରିବାରକୁ ଜଣାଇଥିଲେ। ମାତ୍ର ଜାତିଗତ ପ୍ରଭେଦ ଥିବାରୁ ସ୍ନେହମୟୀ ପରିବାର ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ସୁଶାନ୍ତ ଓ ସ୍ନେହମୟୀ ଆଲୋଚନା କରି ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ୧୨ ତାରିଖରେ ଉଭୟ ସାବାଳକ ଥିବାରୁ ଭଦ୍ରକ ଜିଲ୍ଲା ଆନନ୍ଦ ବଜାରସ୍ଥ ମହାଲକ୍ଷ୍ମୀ ଫଙ୍କସନ ହଲ୍‌ରେ ନିଜ ନିଜର ସମ୍ପର୍କୀୟଙ୍କ ସହାୟତାରେ ବିବାହ କରିଥିଲେ। ଉଭୟ ଘର ଛାଡିବା ପରେ କୋରେଇ ଥାନାରେ ସ୍ନେହମୟୀ ପରିବାରୁ ପକ୍ଷରୁ ଅପହରଣ ମାମଲା କରାଯାଇଥିଲା। ବିବାହ ପରେ ବିଭିନ୍ନ ଧମକ ଦିଆଯିବାରୁ ଜୀବନ ପ୍ରତି ବିପଦ ଥିବାରୁ ଉଭୟ ବିବାହ ପରେ ଗ୍ରାମକୁ ନ ଫେରି କେନ୍ଦୁଝର ଜିଲ୍ଲାରେ ରହୁଛନ୍ତି। ଘରକୁ ଫେରିବାକୁ ସାହସ କରିପାରୁନାହାନ୍ତି। ବାହାରେ ଚଳିବା ମଧ୍ୟ ଉଭୟଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି। ଗୋଟିଏ ପଟେ ଘରକୁ ଫେରିବାର ମୋହ ଓ ଅନ୍ୟ ପଟେ ଜୀବନ ପ୍ରତି ଦେଖାଦେଇଛି ବିପଦ। ଶେଷରେ ଏ ନେଇ ସୁରକ୍ଷା ମିଳିବା ଆଶାରେ ଯାଜପୁର ଏସପି, ଯାଜପୁରରୋଡ ଏସଡିପିଓ ଓ କୋରେଇ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

● ଆଧାର କାର୍ଡ ନ ଥିବାରୁ ନାମ ପଞ୍ଜିକୃତ ବାଧକ ଘଟଣା

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କୁ ଭେଟିଲେ ସମାଜସେବୀ

**ଯାଜପୁର, ୧୯ ।୨(ସମିସ):** ଦାନଗଦି ବ୍ଲକ୍ ଅନ୍ତର୍ଗତ କିଆଝର ପଞ୍ଚାୟତ ଉପରଟମକା ଆଶ୍ରମ ବିଦ୍ୟାଳୟରେ ଆଧାର କାର୍ଡ ନ ଥିବାରୁ ଦୁଇ ଶିଶୁଙ୍କ ନାମ ପଞ୍ଜିକୃତ ନ ହେବା ପରେ ଶିଶୁଙ୍କୁ ବିଦ୍ୟାଳୟରୁ ଘରକୁ ପଠାଇ ଦିଆଯାଇଥିଲା। ଫଳରେ ଶିଶୁମାନେ ପୁନର୍ବାର ଶିକ୍ଷା ଅଧିକାରରୁ ବଞ୍ଚିତ ହେବା ସହ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିରେ ନିୟୋଜିତ ହୋଇଥିଲେ। ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ତତ୍ପରତା ପ୍ରକାଶ କରିବା ସହ ଏକ ତଦନ୍ତ ଦଳ ପଠାଇଥିଲେ ମଧ୍ୟ ଶିଶୁମାନେ ସୁରକ୍ଷା ବଳୟ ମଧ୍ୟକୁ ଆସିପାରି ନ ଥିଲେ। ଏହି ଦୁଇ ଶିଶୁ ଏକ ସ୍ଥାନରେ ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଏହି ଘଟଣାରେ ସାମାଜିକ କର୍ମୀଙ୍କ ପ୍ରୟାସରେ ଶିଶୁ ଦୁଇଜଣଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ଜରିଆରେ ଆଶ୍ରମ ସ୍କୁଲରେ ଥଇଥାନ କରାଯାଇଥିଲା ଓ ପରେ ଶିଶୁ ମଙ୍ଗଳ କମିଟି ଗତ ଡିସେମ୍ବର ୧୩ ତାରିଖରେ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଧାର କାର୍ଡ ନ ଥିବା କାରଣ ଦର୍ଶାଇ ଗତ ଡିସେମ୍ବର ୨୪ ତାରିଖରେ ଘରେ ଛାଡ଼ିଦେଇଥିଲେ। ଯାହାଫଳରେ ଶିଶୁ ଦୁଇଜଣ ପୁନର୍ବାର ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିକୁ ଆପଣାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଦୁଇ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଥିଲେ। ମାତ୍ର ବିଦ୍ୟାଳୟ ପରିଚାଳିତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶିଶୁଙ୍କ ମଙ୍ଗଳ ଓ ମୌଳିକ ଅଧିକାର ସୁନିଶ୍ଚିତ ପାଇଁ ଆଜି ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିଶୁମାନଙ୍କ ଶିକ୍ଷା ଅଧିକାର ସହିତ ମୌଳିକ ଅଧିକାର ସୁନିଶ୍ଚିତ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କରଙ୍କ ସହ ଶିଶୁ ଅଧିକାର କ୍ଷୁର୍ଣ୍ଣ, ବାଲ୍ୟବିବାହ ଓ ଶିଶୁ ଶ୍ରମିକ ସମସ୍ୟା ନେଇ ଆଲୋଚନା କରିଥିଲେ।

ଗ୍ରାମନନ୍ଦିପୁର ପଞ୍ଚାୟତ ଅର୍ଥ ହଡ଼ପ ମାମଲା

## ସରପଞ୍ଚ ସଂଯୁକ୍ତା ମହାନ୍ତି ନିଲମ୍ବିତ

**ଦଶରଥପୁର,୧୯ ।୨(ସମିସ):** କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି) ଅନୁଦାନ ଅର୍ଥ ହେରଫେର ଅଭିଯୋଗରେ ଦଶରଥପୁର ବ୍ଲକ୍ ଗ୍ରାମନନ୍ଦିପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ମହାନ୍ତିଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିଲମ୍ବିତ କରିଛି। ଏ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାପାଳ, ଦଶରଥପୁର ବିଡିଓଙ୍କୁ ଅବଗତ କରାଯାଇଛି।



ସୂଚନା ମୁତାବକ, ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସଂଯୁକ୍ତା ମହାନ୍ତି ଗ୍ରାମନନ୍ଦିପୁର ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ। ଏହି ସମୟରେ ପଞ୍ଚାୟତର ସିଏଫ୍‌ସି ଅର୍ଥରେ କୌଣସି କାର୍ଯ୍ୟ ନ କରି ୧୧ ଲକ୍ଷ ୭୨ ହଜାର ୫ ଶହ ଟଙ୍କା ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ପ୍ରଦୀପ ମହାନ୍ତିଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏହି ଅନିୟମିତତାରେ ପଞ୍ଚାୟତର ତତ୍କାଳୀନ ପିଇଓ ପତନ କୁମାର ବେହେରା ସମ୍ପୃକ୍ତ ଥିଲେ।୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପଞ୍ଚାୟତର ସରପଞ୍ଚ ଥିବା ନବକିଶୋର ମଲ୍ଲିକଙ୍କ ସମୟରେ ଏହି ଦୁର୍ନୀତି ଲୋକଲୋଚନକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ଜୟନ୍ତ ଷଡ଼ଙ୍ଗୀ ଏହି ଦୁର୍ନୀତି ସମ୍ପର୍କରେ ଜିଲ୍ଲାପାଳ, କଟକ ଭିଜିଲାନ୍ସ କର୍ତ୍ତୁପକ୍ଷଙ୍କଠାରୁ ଆରମ୍ଭ ପଞ୍ଚାୟତିରାଜ ସଚିବଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ତଦନ୍ତରୁ ସମସ୍ତ ତଥ୍ୟ ହାସଲ ପରେ କଟକ ଭିଜିଲାନ୍ସ କର୍ତ୍ତୁପକ୍ଷ ୨୦୨୩ ଡିସେମ୍ବର ୧୭ ତାରିଖରେ ଦୁର୍ନୀତିକୁ ନେଇ କେସ୍ ନଂ. ୩୩ରେ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଡିସେମ୍ବର ୧୯ ତାରିଖରେ ଭିଜିଲାନ୍ସ ପକ୍ଷରୁ ଜିଲ୍ଲାପାଳଙ୍କୁ ପତ୍ର ଲେଖି ସରପଞ୍ଚ ସଂଯୁକ୍ତା ମହାନ୍ତି, ସ୍ୱାମୀ ପ୍ରଦୀପ ମହାନ୍ତି ଓ ପିଇଓ ତପନ ବେହେରାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା। ତେବେ ଜିଲ୍ଲାପାଳ କାଳ ବିଳମ୍ବ ନ କରି ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ)ଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ନେଇ ଡିପିଓ କଟକ ଭିଜିଲାନ୍ସ କର୍ତ୍ତୁପକ୍ଷଙ୍କଠାରୁ ଦୁର୍ନୀତି ସମ୍ପର୍କିତ କାଗଜପତ୍ର ମାଗିଥିଲେ। ଭିଜିଲାନ୍ସ ଚଳିତ ବର୍ଷ ଜାନୁଆରୀ ୮ ତାରିଖରେ ଡିପିଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ସେହି ମାସ ୨୨ ତାରିଖରେ ଡିପିଓ ପଞ୍ଚାୟତିରାଜ ବିଭାଗକୁ ସରପଞ୍ଚ ଶ୍ରୀମତୀ ମହାନ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିଶ କରିଥିଲେ।

## ଛତ୍ରପଡ଼ାରେ ଚକ୍ଷୁ ପରୀକ୍ଷା ଶିବିର

**କୟାଁଗୋଲା,୧୯ ।୨(ସମିସ):** ଅସନପୁର ଚଷାଖଣ୍ଡ ଯୁବ ସଂସଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଛତ୍ରପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ରୁ ଅଧିକ ଲୋକ ଚକ୍ଷୁ ପରୀକ୍ଷା କରିଥିଲେ। ଉକ୍ତ ଶିବିର ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ହୋଇଥିଲା। ଡାକ୍ତର ଶୁଭଶ୍ରୀ ଶୁଭସ୍ମିତା ସାହୁ ଯୋଗଦାନ କରିଥିଲେ। ତାଙ୍କ ସହ ଭୂମିକା ଚକ୍ଷୁ ଚିକିତ୍ସାଳୟର ସହଯୋଗୀ ଶର୍ମିଷ୍ଠା ସାହୁ, ଆଶାରାଣୀ ବେହେରା, ଅନ୍ନପୂର୍ଣ୍ଣା ପଣ୍ଡା, ବିଶ୍ୱନାଥ ଗୋଚ୍ଛାୟତ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରଟି ଶେଖ୍ ମମ୍ମିନ ଅଲ୍ଲୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରନାରାୟଣ ଦାସ, ପ୍ରମୋଦ ମହାପାତ୍ର, ପତିତପାବନ ସାହୁ, ଅମ୍ବିକା ସାହୁ, ବିଜୟ ସାମଲ, ଜୟନ୍ତ ରାଉତ, ଶୁଭଶକ୍ତି ସୂତାର ପ୍ରମୁଖ ଯୋଗଦାନ କରିଥିଲେ।

## ସିଏନ୍‌ଜି ଟ୍ରକ୍‌ରେ ଟାଟା ଷ୍ଟିଲ୍‌ର ଫେରୋକ୍ରୋମ୍ ରପ୍ତାନୀ




**ଦାନଗଦି, ୧୯ ।୨(ସମିସ)**

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନ (ଏଫ୍‌ଏମଡି) ବୁଧବାର ଯାଜପୁରର ଫେରୋ ଆଲଏଜ୍ ପ୍ଲାଣ୍ଟରେ ରପ୍ତାନୀ ନିମନ୍ତେ ପ୍ରଥମଥର ପାଇଁ କମ୍ପ୍ରେସଡ ନାଚୁରାଲ ଗ୍ୟାସ୍ (ସିଏନଜି) ଟ୍ରକ୍‌ର ସଫଳ ପରୀକ୍ଷଣ କରିଛି। ଏହି ପଦକ୍ଷେପ ଟାଟା ଷ୍ଟିଲ୍‌ର ଦୀର୍ଘସ୍ଥାୟିତା ପ୍ରତିବଦ୍ଧତାକୁ ଦୃଢ଼ କରିବା ଏବଂ ଲଜିଷ୍ଟିକ, ଯୋଗାଣ ଶୃଙ୍ଖଳାରେ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା କ୍ଷେତ୍ରରେ ସାହାଯ୍ୟ କରିବ। ଏଫଏପି ଯାଜପୁରରୁ ଭାଇଜାଗକୁ ସିଏନଜି ଟ୍ରକ୍‌ରେ ଫେରୋ ଆଲଏଜ୍ ପରିବହନ, ହାଇସ୍ପିଡ ଡିଜେଲ ଟ୍ରକ୍ ତୁଳନାରେ ଅଙ୍ଗାରକାମ୍ଳ (ସିଓ୨) ମାତ୍ରାକୁ ପ୍ରାୟ ୨୦-୨୫ ପ୍ରତିଶତ ହ୍ରାସ କରୁଛି। ୱାନ୍ ସପ୍ଲାଇ ଚେନ୍, ଟାଟା ଷ୍ଟିଲ୍ ଓ ମେସର୍ସ ସିଜେ ଡାର୍ସିଏଲ ଟିମର ପ୍ରୋକ୍ୟୁର୍ମେଣ୍ଟ ଟିମ୍‌ର ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ କରାଯାଇଛି। ଏଫ୍‌ଏପି ଯାଜପୁରର ମୁଖ୍ୟ ଆଲୋକ ପଣ୍ଡା, ଲଜିଷ୍ଟିକ୍-ଏଫଜି (ଏଫ୍‌ଏମଡି) ସିନିୟର ଏରିଆ ମ୍ୟାନେଜର ସୌମ୍ୟ ବସୁ, ପ୍ରୋକ୍ୟୁର୍ମେଣ୍ଟ, ପରିବହନ (କଞ୍ଚାମାଲ)ର ସିନିୟର ଏରିଆ ମ୍ୟାନେଜର ମୁନମୁନ୍ ଡାହ, ମେସର୍ସ ସିଜେ ଡାର୍ସିଏଲର ପ୍ରତିନିଧିଙ୍କ ଉପସ୍ଥିତିରେ ଲଜିଷ୍ଟିକ୍ ବିଭାଗ (ଏଫ୍‌ଏମଡି) ମୁଖ୍ୟ ଅମିତ ଚୌବେ ପତାକା ଦେଖାଇ ଏହି ସିଏନଜି ଟ୍ରକ୍‌ର ଶୁଭାରମ୍ଭ କରିଥିଲେ।

ଏହି ସଫଳତା ସମ୍ପର୍କରେ ଏଫ୍‌ଏମଡିର କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସତିଜା କହିଛନ୍ତି, ଆମ ପ୍ଲାଣ୍ଟ ପରିଚାଳନାରେ ସ୍ୱଚ୍ଛ ଇନ୍ଧନର ବ୍ୟବହାର ଦିଗରେ ଆମେ କାର୍ଯ୍ୟରତ ଅଛୁ ଓ ଆମର ଯୋଗାଣ ଶୃଙ୍ଖଳରେ ମଧ୍ୟ ଆମେ ଏହାକୁ ଲାଗୁ କରୁଛୁ। ଏହି ପରୀକ୍ଷଣ ସମଗ୍ର ମୂଲ୍ୟ ଶୃଙ୍ଖଳାରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଫେରୋକ୍ରୋମ୍ ରପ୍ତାନୀ ପାଇଁ ସିଏନ୍‌ଜି ଟ୍ରକ୍‌ର ସଫଳ ପରୀକ୍ଷଣ ସବୁଜ ଓ ଅଧିକ ଦକ୍ଷ ଲଜିଷ୍ଟିକ୍ ସମାଧାନ ପାଇଁ ଆମର ନିରନ୍ତର ଅନୁସନ୍ଧାନର ପ୍ରମାଣ। ପରିବେଶ ଅନୁକୂଳ ପଦ୍ଧତି ଆପଣାଇବା ପାଇଁ କମ୍ପାନୀର ପ୍ରୟାସର ଏକ ଅଂଶ ଭାବେ ଟାଟା ଷ୍ଟିଲ୍ ନିକଟ ଅତୀତରେ ଏହାର କ୍ଷୁଦ୍ର ଦୂରତା କ୍ଷେତ୍ର ପାଇଁ ଫେରୋକ୍ରୋମ୍ ଓ ରିଡକ୍ଟେଣ୍ଟ ପରିବହନ ପାଇଁ ଏଫ୍‌ଏପି ଯାଜପୁରଠାରେ ଇଲେକ୍ଟ୍ରିକ୍ ଯାନ (ଇଭି) ଟ୍ରକର ପରୀକ୍ଷଣ କରିଥିଲା। ଭାରତର ପଶ୍ଚିମ ଭାଗରେ ଗ୍ରାହକଙ୍କ ସୁବିଧା ପାଇଁ ପାରାଦୀପ ବନ୍ଦର ଓ ଭାଇଜାଗ ବନ୍ଦର ଉପକୂଳ ମାର୍ଗ ଦେଇ ଓଡ଼ିଶାରେ ଥିବା ଏହାର କାରଖାନାରୁ ଫେରୋ ଆଲଏଜ୍‌ର ମଲ୍ଟି ମୋଡାଲ ପରିବହନ ଆରମ୍ଭ କରିଥିଲା। ପରିବେଶଗତ ପ୍ରଭାବକୁ କମ୍ କରିବା ସହିତ ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀ ଅଭିନବ ଓ ଦୀର୍ଘସ୍ଥାୟୀ ପରିବହନ ସମାଧାନ ଅନୁସନ୍ଧାନ କରୁଛି। ସିଏନ୍‌ଜି ଟ୍ରକ୍‌ର ପରୀକ୍ଷଣ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ଏହା ଯଥେଷ୍ଟ ସହାୟକ ହେବ।



ସକାଳ
THE SAKALA



● ମାଟ୍ରିକ୍ ପରୀକ୍ଷା

# ୧୪ଟି କେନ୍ଦ୍ରରେ ୨୪୯୫ ଜଣ ପରୀକ୍ଷାର୍ଥୀ

**ଦଶରଥପୁର, ୧୯ ।୨(ସମିସ):** ଆଗାମୀ ମାଟ୍ରିକ୍ ପରୀକ୍ଷା ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୭ ତାରିଖରେ ଶେଷ ହେବ । ଦଶରଥପୁର ବ୍ଲକ୍‌ର ୧୪ଟି ବିଦ୍ୟାଳୟକୁ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଛି । ମଙ୍ଗଳପୁରସ୍ଥ ମହତାବ ସରକାରୀ ଉଚ୍ଚବିଦ୍ୟାଳୟକୁ ନୋଡ଼ାଲ ପରୀକ୍ଷା କେନ୍ଦ୍ର କରାଯାଇଛି । ଖାନନଗରସ୍ଥ ବାଉତରା ସରକାରୀ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୦ ଜଣ ପରୀକ୍ଷା ଦେବାକୁ ବ୍ୟବସ୍ଥା କରାଯାଇଛି । ସେହିପରି ଶ୍ୟାମସୁନ୍ଦର ନୋଡ଼ାଲ ବିଦ୍ୟାଳୟ କେନ୍ଦ୍ରରେ ୧୫୯, ମହତାବ ନୋଡ଼ାଲ ବିଦ୍ୟାଳୟରେ ୨୩୬, ଅହିୟାସ ବିଦ୍ୟାଳୟରେ ୧୫୫, ମଧୁପୁର ବିଦ୍ୟାଳୟରେ ୨୧୦, କଣ୍ଟାବଣିଆ ବିଦ୍ୟାଳୟରେ ୧୪୯, କାଟିଆସ୍ଥ କେସି ବିଦ୍ୟାଳୟରେ ୨୨୧, ବିରିପଟା ବିଦ୍ୟାଳୟରେ ୧୮୩, ଦଶରଥପୁର ବିଦ୍ୟାଳୟରେ ୨୧୫, ରାମବାଗ ବିଦ୍ୟାଳୟରେ ୧୧୮, ବାମଦେବପୁର ଯଯାତି କେଶରୀ ନୋଡ଼ାଲ ବିଦ୍ୟାଳୟରେ ୧୪୫, ଦକ୍ଷିଣବନ୍ଧ ଉକ୍ରଳ ଗୌରବ ବିଦ୍ୟାଳୟରେ ୧୬୪, ଚିତାଳୋ ନୋଡ଼ାଲ ବିଦ୍ୟାଳୟରେ ୧୨୪, କଟିକଟାସ୍ଥ ଗାନ୍ଧୀ ସ୍ମୃତି ବିଦ୍ୟାଳୟରେ ୧୭୩ ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ମଙ୍ଗଳପୁର ମହତାବ ସରକାରୀ ବିଦ୍ୟାଳୟରେ ୨୩ ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

# ବର୍ଷା ଯୋଗୁଁ ମଣ୍ଡିରେ ଧାନ ନଷ୍ଟ ହେବା ଆଶଙ୍କା

**ସିଂହପୁର,୧୯ ।୨(ସମିସ):** ମିଲରଙ୍କ ମନମାନି ଯୋଗୁଁ ଚାଷୀ ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳୁଛି । ଆଜି ଅପରାହ୍ନରେ ପ୍ରବଳ ବର୍ଷା ହୋଇଥିବାରୁ ମଣ୍ଡିରେ ଥିବା ଧାନ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । ମିଲରଙ୍କ ମନମୁଖୀ ନୀତି ଯୋଗୁଁ ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ଓ ଜରି ସମବାୟ ସମିତି ମଣ୍ଡିରେ ଧାନ ଗଦା ହୋଇରହିଛି । ଗାଡ଼ି ସମସ୍ୟା ଯୋଗୁଁ ଧାନମଣ୍ଡିରେ ୯ ଦିନ ଧରି ଧାନ ପଡ଼ିରହିଛି । ଧାନକୁ ଚାଷୀ ଜଗି ରହିଛନ୍ତି । ଆଜି ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁଁ ମଣ୍ଡିରେ ଧାନ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । ଫଳରେ ଚାଷୀ ହୀନସ୍ତା ଭୋଗୁଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି ।

# ଜାମିନରେ ଆସିବା ପରେ ପୁଣି ଶିକ୍ଷୟିତ୍ରୀଙ୍କୁ ଯୁବକର ହତ୍ୟା ଧମକ



**ଧର୍ମଶାଳା, ୧୯।୨(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚୋରମୁହାଁ ପ୍ରକଳ୍ପ ବିଦ୍ୟାଳୟରେ ପଶି ପ୍ରଧାନଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାବେଳେ ଜାମିନରେ ଆସିବା ପରେ ପୁଣି ସ୍କୁଲରେ ପଶି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ପ୍ରଶାନ୍ତ ମହାନ୍ତି ନାମକ ଯୁବକ ଗତ ୧୨ ତାରିଖରେ ସ୍କୁଲରେ ପଶି ପ୍ରଧାନଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲା । ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ରୁନାମଣୀ ଗୋଛାୟତ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ରଗଡିସ୍ଥ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା । ଦୁଇଦିନ ରହିବା ପରେ ଜାମିନରେ ଆସି ଭୁଜାଲି ଧରି ସ୍କୁଲ ପରିସରରେ ପଶି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲା । ଏଥିରେ ଅତିଷ୍ଠ ହୋଇ ନାଏବ ସରପଞ୍ଚ ପ୍ରମିଳା ମହାନ୍ତିଙ୍କ ସମେତ ବହୁ ଅଭିଭାବକ ଥାନାକୁ ଯାଇ ଅଭିଯୋଗ କରିଛନ୍ତି ।

# ଧର୍ମଶାଳା ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ



**ଧର୍ମଶାଳା, ୧୯।୨(ସମିସ):** ଧର୍ମଶାଳା ଥାନାର ନୂତନ ଅଧିକାରୀ ଭାବେ ରଞ୍ଜନ ମାଝି ଆଜି ଯୋଗଦେଇଛନ୍ତି । ଶ୍ରୀ ମାଝି ପୂର୍ବରୁ ରାୟଗଡା ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ଗତ କିଛି ଦିନତଳେ ଯାଜପୁର ପୁଲିସ ହେଡକ୍ୱାଟରକୁ ତାଙ୍କର ବଦଳି ହୋଇଥିଲା । ଏଠାରେ ଥିବା ଥାନା ଅଧିକାରୀ କିଛି ଦିନ ହେଲା ରିଲିଭ ହୋଇ କେନ୍ଦ୍ରାପଡା ଜିଲ୍ଲାକୁ ବଦଳି ହୋଇଛି । ସେ ଏଠାରୁ ରିଲିଭ ହେବା ସମୟରେ ଏସଆଇ ଜହର ଆବେଦିନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଆଜି ଶ୍ରୀ ମାଝୀ ଏସ୍ଆଇ ଆବେଦିନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଥାନାର କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି ।

# ଚୋରି ସୁନା କିଣି ଦୁଇ ବ୍ୟବସାୟୀ ଅଟକ

**ଧର୍ମଶାଳା,୧୯।୨(ସମିସ):** ଜାରକା ବଜାରରେ ଥିବା ଏକ ସୁନା ଦୋକାନ ଉପରେ ତାଳଚେର ଓ ଧର୍ମଶାଳା ପୁଲିସ ମିଳିତ ଭାବେ ଚଢ଼ଉ କରି ୫ଟି ସୁନା ଚେନ ଜବତ କରିବା ସହ ଦୁଇଜଣ ସୁନା ବ୍ୟବସାୟୀଙ୍କୁ ପଚରାଉଚରା ପାଇଁ ତାଳଚେର ପୁଲିସ ଉଠାଇ ନେଇଥିବା ଜଣାପଡିଛି । ତାଳଚେର ପୁଲିସ ମଙ୍ଗଳବାର ଢେଙ୍କାନାଳର ଦୁଇ ସୁନା ଚୋରଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କୁ ପୁଲିସ ପଚରାଉଚରା ପରେ ସେମାନେ ଜାରକାର ସୁନା ବ୍ୟବସାୟୀଙ୍କୁ ସୁନା ବିକ୍ରି କରିଥିବା କହିଥିଲେ । ତାଳଚେର ପୁଲିସର ଏକ ଟିମ ଆଜି ଜାରକା ଆସି ଧର୍ମଶାଳା ପୁଲିସ ସହାୟତାରେ ଶ୍ରୀଚାନ୍ଦି ଅର୍ଣ୍ଣାମେଣ୍ଟ ଉପରେ ଚଢ଼ଉ କରିଥିଲେ । ସେଠାରୁ ୫ଟଟି ସୁନା ଚେନ ଜବତ କରିବା ସହ ଦୁଇ ସୁନା ବ୍ୟବସାୟୀ କାବ୍ୟକାନ୍ତ ସାହୁ ଓ ପ୍ରତୀକ ସିଂହଦେଓଙ୍କୁ ଉଠାଇ ନେଇଛି । ଏମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

# ଅଧିକ ସଂଖ୍ୟକ ଆଶାୟୀ ସାମିଲ ହେବାକୁ ଆହ୍ୱାନ

**ଯାଜପୁର, ୧୯ ।୨(ସମିସ):**



ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଏକ ବୃହତ୍ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦ୍ମଚରଣ ସେଠୀ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ରାଉତ, ଯାଜପୁର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ଦାସ, ଅତିରିକ୍ତ ଶିଳ୍ପ ଅଧିକାରୀ ହିରଣ୍ୟଲକ୍ଷ୍ମୀ ନାୟକ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତୀଶ ଚନ୍ଦ୍ର ବଳ, ଓରମାସ୍ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ସତିକାନ୍ତ ସାହୁ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଧ୍ୟାପକ (ବଟାନି) ନୃସିଂହ ଚରଣ ବେହେରା, ସରକାରୀ ବହୁମୁଖି ବୈଷୟିକ ଶିକ୍ଷା ଅନଷ୍ଠାନ ବରିଷ୍ଠ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ଅଧିକାରୀ ସୁଶାନ୍ତ ସେଠୀ, ସହାୟକ ଅଗ୍ନିଶମ ଅଧିକାରୀ କମଳାକାନ୍ତ ଘଡେଇ, ଓଡ଼ିଶା ଜୀବିକା ମିଶନ ହିସାବ ରକ୍ଷକ ସୁଶାନ୍ତ ନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ରାକେଶ ନାୟକ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ହରିହର ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ନିଯୁକ୍ତି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

ଜିଲ୍ଲାରେ ଆସନ୍ତା ମାସ ୧୧ ତାରିଖରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଏହି ବୃହତ୍ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀଙ୍କୁ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଛି । ଜିଲ୍ଲାର ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବକ/ଯୁବତୀ ଯେଭଳି ବହୁଳ ସଂଖ୍ୟାରେ ଏହି ବୃହତ୍ ନିଯୁକ୍ତି ମେଳାର ଅଂଶଗ୍ରହଣ କରି ସୁଯୋଗ ନେଇପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଅଧ୍ୟକ୍ଷ ନବକୃଷ୍ଣ ଜେନା ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଯୁକ୍ତି ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବକ/ଯୁବତୀ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥି ପାଇଁ ମିଶନ ଶକ୍ତି ଜରିଆରେ ବାର୍ତ୍ତା ପ୍ରଦାନ ପାଇଁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିବା ସହିତ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ, ଶିଳ୍ପ ତାଲିମ୍ କେନ୍ଦ୍ର ଓ ଡିପ୍ଲୋମା ପାଠ୍ୟ ପ୍ରଦାନକାରୀ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତ୍ତି ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ଅଧ୍ୟକ୍ଷ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ ।

ଏହି ବୃହତ୍ ନିଯୁକ୍ତି ମେଳାରେ ୫୦ଟି ଷ୍ଟଲ ସହ ୩ଟି କାଉଣ୍ଟର ଖୋଲାଯାଇ ବିଭିନ୍ନ ବ୍ଲକ୍‌ରୁ ଅଂଶଗ୍ରହଣ କରିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ପଞ୍ଜୀକରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ସେହିଭଳି ଅଗ୍ନିବୀର ପଦବୀରେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଯୁବକ/ଯୁବତୀଙ୍କ ପାଇଁ ଆର୍ମି, ଏୟାରଫୋର୍ସ ଓ କୋଷ୍ଟଗାର୍ଡ ଆଦି ପ୍ରତିରକ୍ଷା ବିଭାଗକୁ ଏହି ବୃହତ୍ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କମ୍ପାନୀକୁ ମଧ୍ୟ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି । ନିଯୁକ୍ତି ମେଳା ସମୟରେ ଆଇନଶୃଙ୍ଖଳା ପାଇଁ ପୁଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗର କର୍ମଚାରୀ ମୁତୟନ ରହିବେ । ନିଯୁକ୍ତି ମେଳା ସମୟରେ ପାନୀୟଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି । ନରସିଂହ ଚୌଧୁରୀ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି ନିଯୁକ୍ତି ମେଳାରେ ସହଯୋଗ ପାଇଁ ମୁତୟନ ରହିବେ । ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋକାନୀଙ୍କୁ ମାଡ଼ ମାରି ଟଙ୍କା ଲୁଟ୍

**କବାଟବନ୍ଧ,୧୯ ।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଜଣେ ଦୋକାନୀଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା ଗ୍ରାମର ପଦନ ରାଉତଙ୍କ ପୁଅ ରବୀନ୍ଦ୍ର ରାଉତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର ଛକ ପେଟ୍ରୋଲ ପମ୍ପ ନିକଟରେ ଦୋକାନ କରି ବ୍ୟବସାୟ କରନ୍ତି । ମଙ୍ଗଳବାର ରାତି ପ୍ରାୟ ୧୨.୧୫ ମିନିଟ୍ ସମୟରେ ଦୋକାନରେ ଶୋଇଥିବାବେଳେ ୩ ଜଣ ଯୁବକ ଦୋକାନ ଭିତରେ ପଶି ଭଙ୍ଗାରୁଜା କରି ୬ ହଜାର ଟଙ୍କା ଚୋରି କରିଥିଲେ । ପରେ ରବୀନ୍ଦ୍ରଙ୍କୁ ମାଡ଼ ମାରିବା ସହ ଥଣ୍ଡା ବୋତଲ ଭାଙ୍ଗି ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିବାବେଳେ ସେ ପେଟ୍ରୋଲ ପମ୍ପ ଭିତରକୁ ଦୌଡ଼ି ପଳାଇଥିଲେ । ଖବର ପାଇ ଜେନାପୁର ଥାନା ସବଇନ୍ସପେକ୍ଟର ରଞ୍ଜନ ବେହେରା ପହଞ୍ଚି ଥିଲେ । ଏ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ୨୧ରେ ସଂକଳ୍ପ ସିଦ୍ଧି ଭବନ ଉଦ୍‌ଘାଟନ

**ବ୍ୟାସନଗର,୧୯ ।୨(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାସନଗର ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଦଣ୍ଡିକିରିଠାରେ ସଂକଳ୍ପ ସିଦ୍ଧି ଭବନ ନାମକ ଏକ ରାଜଯୋଗ କେନ୍ଦ୍ର ଆସନ୍ତା ୨୧ ତାରିଖରେ ଉଦ୍‌ଘାଟନ ହେବ । ଏଠାରେ ବ୍ରହ୍ମକୁମାରୀ ପରିବାରର ଏକ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ । ସଂକଳ୍ପ ସିଦ୍ଧି ଭବନ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମାକୁମାରୀ ସୁଚିତ୍ରା ଉଦଘାଟନ ଦିବସର କାର୍ଯ୍ୟସୂଚୀ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତ । ଉକ୍ତଦିନ ପୂର୍ବାହ୍ନରେ ଜହ୍ନା ଛକରୁ ବାଇକ୍ ଶୋଭାଯାତ୍ରାରେ ଅତିଥିଙ୍କୁ ପାଛୋଟି ଅଣାଯିବ । ପରେ ନହକା ଗ୍ରାମର ଅଭୟଶ୍ୱର ଶିବ ମନ୍ଦିର ନିକଟରୁ କେନ୍ଦ୍ର ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୧ଟାରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀ ସଂକଳ୍ପ ସିଦ୍ଧି ଭବନକୁ ଉଦ୍‌ଘାଟନ କରିବେ । ଏ ଅବସରରେ କଟକ ଜୋନର ନିର୍ଦ୍ଦେଶକ ବିକେ କମଳେଶ



ଭଉଣୀ, କଟକ ଜୋନର ଅତିରିକ୍ତ ନିର୍ଦ୍ଦେଶକ ବିକେ ସୁଲୋଚନା ଭଉଣୀ, ଜିନ୍ଦଲର ପରିଚାଳନା ନିର୍ଦ୍ଦେଶିକା ଦୀପିକା ଜିନ୍ଦଲ ଓ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିବେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପାଖାପାଖି ୨ ହଜାର ଭାଇଭଉଣୀ ଯୋଗଦେବେ । ସାମ୍ବାଦିକ ସମ୍ମିଳନୀରେ ବଡଚଣା କେନ୍ଦ୍ରର ସଞ୍ଚାଳିକା ବିକେ ମାନସୀ, ଅନୁଗୋଳ କେନ୍ଦ୍ରର ସଞ୍ଚାଳିକା ବିକେ ମିନତୀ ଓ କରଞ୍ଜିଆ ସେବା କେନ୍ଦ୍ରର ସଞ୍ଚାଳିକା ବିକେ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବିକେ କମଳଲୋଚନ ସାହୁ, ବିକେ ଲୋକନାଥ ରାଉତ, ବିକେ ଭାବନା, ବିକେ ରୀତା, ବିକେ ବିଜୟା, ବିକେ ପ୍ରଣତୀ, ବିକେ ଅନୀତା, ବିକେ ଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କୁ ଭେଟିଲେ ରାଜନୈତିକ ନିର୍ଯାତନାର ଶିକାର ପରିବାର



**ଯାଜପୁର,୧୯।୨ (ସମିସ):** ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳକୁ ଭୋଟ୍ ନ ଦେବାରୁ ରାଜନୈତିକ ଶିକାର ହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ପରିବାର ଲୋକେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ରସୁଲପୁର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡ଼ା ଗ୍ରାମର ଅଧିବାସୀ ଶଶାନନ୍ଦ ମଲ୍ଲିକଙ୍କ ୬ ପୁଅ ନିଜ ଜାଗାରେ ଘର କରି ବହୁବର୍ଷ ହେବ ରହିଆସୁଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ସେମାନେ ଏକ ଦଳକୁ ଭୋଟ୍ ଦେବାକୁ କେନ୍ଦ୍ର କରି ନେପାଳ ମଲ୍ଲିକ ଓ ତାଙ୍କ ୩ ପୁଅ, ରସାନନ୍ଦ ମଲ୍ଲିକଙ୍କ ୨ ପୁଅ ଏକତ୍ରିତ ହୋଇ କାହିଁକି ତୁମେ ଆମକୁ ଭୋଟ୍ ଦେଲ ନାହିଁ ବୋଲି କହିବା ସହ ଆକ୍ରମଣ କରି ଘରୁ ବାହାର କରି ଦେଇଥିଲେ । ପରିବାର ଲୋକେ ଏ ସମ୍ପର୍କରେ ପୁଲିସଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ । ରାଜନୈତିକ ନିର୍ଯାତନାର ଶିକାର ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହାର ତଦନ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

# ବିହନ ଫାର୍ମ ସ୍ଥିତି ଦେଖିଲେ ଜିଲ୍ଲା କୃଷି ଅଧିକାରୀ



**ସୁକିନ୍ଦା, ୧୯ ।୨(ସମିସ):** କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କୃଷି ବିଭାଗ ଅଧିକାରୀ ସୁକିନ୍ଦା ବିହନ ଫାର୍ମ ଗସ୍ତ କରି ବୁଧବାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିହନ ଫାର୍ମ ପୁନରୁଦ୍ଧାର ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ, ବିହନ ଫାର୍ମ ଷ୍ଟାଫ କ୍ୱାର୍ଟର୍ସ ମରାମତିଠାରୁ ବିହନ ଫାର୍ମ ଜମିରେ ହିଡ଼ ନିର୍ମାଣ ସହ ଚାଷ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ, ସେ ସମ୍ପର୍କରେ ସ୍ଥିତି ଆକଳନ କରି ରିପୋର୍ଟ ଦାଖଲ କରିବାକୁ ରାଜ୍ୟ କୃଷି ବିଭାଗ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶ ଆଧାରରେ ସିଡିଏଓ ଅରୁଣ ବେହେରା, ସଞ୍ଜୀବ ତ୍ରିପାଠୀ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନନ୍ଦଲାଲ ଟୁଡୁ, ଆସିଷ୍ଟାଣ୍ଟ ଏଗ୍ରିକଲଚର ଇଞ୍ଜିନିୟର ଅନୁସୟା ନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ମୀରା ପରିଚ୍ଛା, ସହକାରି କୃଷି ନିର୍ଦ୍ଦେଶକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ବୁଧବାର ସକାଳୁ ବିହନ ଫାର୍ମ ଗସ୍ତ କରିଥିଲେ । ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିହନ ଫାର୍ମରେ ଡେରା ପକାଇ ବିହନ ଫାର୍ମ ଚାଷଜମି, ଫାର୍ମ ମଧ୍ୟରେ ଥିବା ପୋଖରୀ, କୋଠା ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିଥିଲେ । ବିହନ ଫାର୍ମ କିପରି ବିହନ ଉତ୍ପାଦନରେ ପ୍ରମୁଖ ଭୂମିକା ନେବ, ସେ ସମ୍ପର୍କରେ ଯାଜପୁର ସିଡିଏଓଙ୍କ ସହ ଆଲୋଚନା କରିଥିଲେ । ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଂଘ ନେତୃତ୍ୱ ନେଉଥିବା ମୂଳଖମ୍ବ ଗ୍ରାମର ବିଶ୍ୱନାଥ ପାତ୍ରଙ୍କ ମତାମତ ମଧ୍ୟ ନିଆଯାଇଥିଲା ।

# ଧର୍ମଶାଳା ଅଞ୍ଚଳରେ କାଳବୈଶାଖୀ

**ଧର୍ମଶାଳା,୧୯।୨(ସମିସ):** ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଆଜି ଅପରାହ୍ନ ୫ଟାରେ ହଠାତ ପବନ ସାଙ୍ଗକୁ ବର୍ଷା ଓ କୁଆପଥର ପଡ଼ିଥିଲା । ଫଳରେ ଅନେକ ସ୍ଥାନରେ ଗଛ ଉପୁଡି ପଡ଼ିଛି । ଚଳିତ ବର୍ଷ ଆମ୍ବ ଗଛରେ ଭଲ ବଉଳ ହୋଇଥିବାବେଳେ ପବନ ଓ କୁଆପଥର ମାଡ଼ରେ ବଉଳ ଝଡ଼ି ପଡିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ ସରବରାହ ଅପରାହ୍ନ ୫ଟାରୁ ବନ୍ଦ ରହିଛି । ତେବେ ଏହି ବର୍ଷା ମୁଗଚାଷୀଙ୍କ ପାଇଁ ଖୁସି ଆଣିଦେଇଛି ।

# ବୋଲ୍ଡର ବୋଝେଇ ହାଇୱା ଜବତ

**ସୁକିନ୍ଦା,୧୯ ।୨(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରୁ ପରିବହନ ବିଭାଗ ପକ୍ଷରୁ ବୋଲ୍ଡର ବୋଝେଇ ହାଇୱା ଜବତ ହୋଇଥିବା ଜଣାପଡିଛି । ବୁଧବାର ସନ୍ଧ୍ୟାରେ ଏକ ହାଇୱା ବୋଲ୍ଡର ବୋଝେଇ କରି ଭୁବନରୁ ଚାନ୍ଦବାଲି ଯାଉଥିବାବେଳେ ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଛକ ନିକଟରୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଅଟକାଇ କାଗଜପତ୍ର ମାଗିଥିଲେ । ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିକୁ ଜବତ କରି ସୁକିନ୍ଦା ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

■ ଟ୍ରକ୍ ଚଢ଼ାଇ ହତ୍ୟା ଘଟଣା

# ଆସାମୀକୁ ଆଜୀବନ ଜେଲ୍

**ଯାଜପୁର, ୧୯ ।୨ (ସମିସ):** ଜଣେ ବ୍ୟକ୍ତିଙ୍କୁ ଟ୍ରକ୍ ଚଢ଼ାଇ ମାରିଦେବା ଘଟଣାରେ ବୁଧବାର ଆସାମୀକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଯାଜପୁର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ । ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଅକ୍ଷୟ ମଲ୍ଲିକ ଓ ତାଙ୍କ ବଡ଼ବାପା ପୁଅ ସୁଶାନ୍ତ ମଲ୍ଲିକଙ୍କ ମଧ୍ୟରେ ଜମିବାଡି ବିବାଦ ଥିଲା । ସୁଶାନ୍ତଙ୍କ ବାପା ଅକ୍ଷୟ ମଲ୍ଲିକଙ୍କୁ ପୌଷ୍ୟପୁତ୍ର ଭାବେ ଗ୍ରହଣ କରିଥିବାରୁ ସୁଶାନ୍ତଙ୍କ ଜମି ଦୁଇଭାଗ ହେବ ବୋଲି ଆଶଙ୍କା ହେବାରୁ ସୁଶାନ୍ତ ଓ ଅକ୍ଷୟଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା । ସୁଶାନ୍ତ ଅକ୍ଷୟକୁ ଜୀବନରୁ ମାରିଦେବାକୁ ଧମକ ଦେଇଆସୁଥିଲା । ୨୦୨୨ ମାର୍ଚ୍ଚ ୧୪ ତାରିଖ ସନ୍ଧ୍ୟାରେ ଅକ୍ଷୟକୁ ଘରେ ଖୋଜାଖୋଜି କରିବା ପରେ ସୁଶାନ୍ତ ତାକୁ ଶେଷ କରିଦେବାକୁ ଧମକ ଦେଇଥିଲା । ସେହିଦିନ ରାତି ପ୍ରାୟ ୧୧ଟା ସମୟରେ ଅକ୍ଷୟ ତାଙ୍କ ଘର ପାଖରେ ଠିଆ ହୋଇଥିବାବେଳେ ସୁଶାନ୍ତ ଟ୍ରକ୍ ଚଢ଼ାଇ ଜୀବନରୁ ମାରିଦେଇଥିଲା । ଏହି ଘଟଣା ଅକ୍ଷୟଙ୍କ ବାପା, ଭାଇ ଓ ଭାଉଜ ଦେଖିଥିଲେ । ଏହି ମାମଲା ଚୂଡ଼ାନ୍ତ ଶୁଣାଣି କରି ବୁଧବାର ୨୦ ଜଣ ସାକ୍ଷୀ ଓ ୧୬ଟି ଦସ୍ତାବିଜ୍ ଥିବା ପ୍ରମାଣକୁ ନେଇ



ଯାଜପୁର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଆସାମୀ ସୁଶାନ୍ତ ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ମୋନାଲୀ ରାଇସା ଓ ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ ।

ପୁଲିସକୁ ନ୍ୟାୟ ଦେଇପାରୁନି ପୁଲିସ

# ଧର୍ମଶାଳା ଥାନା କନେଷ୍ଟବଳଙ୍କୁ ବ୍ୟାସନଗରରେ ଆକ୍ରମଣ

**ବ୍ୟାସନଗର,୧୯ ।୨(ସମିସ):**

ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ଭୁଶୁଡ଼ିବାରେ ଲାଗିଛି । ଚୋରି ଡକାୟତି, ଧର୍ଷଣ ଓ ରାହାଜାନି ସୀମା ଟପିଥିବାବେଳେ ଏଥିରୁ ବାଦ୍ ପଡିନି ଯାଜପୁର । ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ଥିବାବେଳେ ଏବେ ସାଧାରଣ ଲୋକଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି । ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ତ ଦୂରର କଥା ନିଜ ବିଭାଗୀୟ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ଟାଳଟୁଳ ନୀତି ଆପଣାଇଛି ଯାଜପୁରରୋଡ ପୁଲିସ । ଯାହାର ଜ୍ୱଳନ୍ତ ଉଦାହରଣ ଭାବେ ଗତ ୧୬ ତାରିଖ ବ୍ୟାସନଗର ସହରରେ ଘଟିଥିବା ଘଟଣାକୁ ନିଆଯାଇପାରେ । ନିଜ ବିଭାଗର ଜଣେ କର୍ମଚାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ବଦଳରେ ଯାଜପୁରରୋଡ ପୁଲିସ ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା କରୁଛି ।

ବ୍ୟାସସରୋବର ମହୋତ୍ସବ ପାଇଁ ସହର ଉତ୍ସବ ମୁଖରିତ ହୋଇଥିବାବେଳେ ସହରରେ ଭିଡ ନିୟନ୍ତ୍ରଣ ପାଇଁ ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ଓ ପାଣିକୋଇଲି ମୁଖ୍ୟାଳୟରୁ କର୍ମଚାରୀ ଏଠାରେ ସାମିଲ ହୋଇଥିଲେ । ୧୬ ତାରିଖ ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ଗାୟତ୍ରୀ ବିହାର ରେଳ ଫାଟକ ପଡିଥିବାରୁ ହରିଶ ସାଣ୍ଡିଲ ନାମକ ଧର୍ମଶାଳା ଥାନାର ଜଣେ କନେଷ୍ଟବଳ ବାଇକରେ କାର୍ଯ୍ୟସ୍ଥଳକୁ ଯାଉଥିଲେ । ଗେଟ ଉଠିବା ପରେ ସେଠାରେ ଅଚଳାବସ୍ଥା ସୃଷ୍ଟି ହେବାରୁ ଉପସ୍ଥିତ ଲୋକେ ହରିଶଙ୍କୁ ଭିଡ଼ ନିୟନ୍ତ୍ରଣ କରିବାକୁ ଅନୁରୋଧ କରିବାରୁ ସେ ସେଠାରେ ନିୟନ୍ତ୍ରଣ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ମାତ୍ର କୃତ୍ରିମ ଭିଡ ସୃଷ୍ଟି କରି ୨ ବାଇକରେ ଯାଉଥିବା ୬ ଜଣ ଯୁବକ ରେଳ ଫାଟକ ଅତିକ୍ରମ କରିବା ପରେ ହରିଶଙ୍କ ବୁଲେଟ ଆଗରେ ବାଇକ ଦୁଇଟିକୁ ଆଡା ପକାଇ ହଠାତ୍ ହରିଶଙ୍କୁ ଆକ୍ରମଣ କରିଥିଲେ । ଯୁବକଙ୍କ ଆକ୍ରମଣରେ ହରିଶ ତଳେ ପଡିଯିବାରୁ ସେମାନେ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ ।

> ସମାଧାନ ପାଇଁ ଚାପ ପ୍ରୟୋଗ ଉଦ୍ୟମ ଅଭିଯୋଗ

ହରିଶ ସମ୍ପୃକ୍ତ ଯୁବକଙ୍କ ମଧ୍ୟରୁ ୨ଜଣ ଯାଜପୁରରୋଡ ଆଦର୍ଶ ଥାନା ଅର୍ନ୍ତଗତ ବୀରମଣିପୁର ଅଞ୍ଚଳର ଦିବ୍ୟରଞ୍ଜନ ରାଉତ ଓରଫ ବବୁଲ, ସୌମ୍ୟରଞ୍ଜନ ପଣ୍ଡା ଓରଫ ସୋନୁ ଓ ତାଙ୍କର ୪ ସାଥୀ ବୋଲି ଜାଣିବା ପରେ ଯାଜପୁରରୋଡ ଥାନାରେ ଅଭିଯୋଗ କରିଥିଲେ । ୩ ଦିନ ବିତିଯାଇଥିବାବେଳେ ପୁଲିସ ଘଟଣାକୁ ନଜର ଅନ୍ଦାଜ କରୁଥିବା ଦେଖିବାକୁ ମିଳିଛି । ଗତକାଲି ଉଭୟ ପକ୍ଷଙ୍କୁ ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଥାନାକୁ ଡାକିଥିଲେ । ନିଜ ବିଭାଗର ଜଣେ କର୍ମଚାରୀଙ୍କୁ ମାଡ଼ ମାରିବା ଭଳି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଉଭୟ ପକ୍ଷଙ୍କୁ ଥାନା ବାହାରକୁ ଯାଇ ୧୫ ମିନିଟ କଥା ହୋଇଯାଅ ବୋଲି କହିବା ସମ୍ପୃକ୍ତ କର୍ମଚାରୀ ହରିଶଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ନିଜ ବିଭାଗର କର୍ମଚାରୀଙ୍କୁ ପୁଲିସ ନ୍ୟାୟ ଦେଇ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ବୁଝାମଣା କରିବାକୁ ନେଇ ସମ୍ପୃକ୍ତ ପୁଲିସ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ଯାଜପୁରରୋଡ ଥାନାଧିକାରୀଙ୍କ ପ୍ରତିକ୍ରିୟା ନିମନ୍ତେ ୨ ଥର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ଏଭଳି ସ୍ପର୍ଶକାତର ଘଟଣାରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାଶ ଶ୍ରୀମଲଙ୍କ ପ୍ରତିକ୍ରିୟା ନେବାରୁ ସେ ଏ ବିଷୟରେ ଅଜ୍ଞ ଥିବା କହିବା ସହିତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବାରିକପୁର,୧୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ବଡ଼ କୋଳିପଦୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବାର୍ଷିକ ଉତ୍ସବ ସହିତ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ଭାବଗ୍ରାହୀ ବିଶ୍ୱାଳ, ସିଆରସିସି ବିଶ୍ୱରଞ୍ଜନ ଷେଣ୍ଟ, ଗଦାଧର ବାରିକ, ଶରତଚନ୍ଦ୍ର କୁଣ୍ଡୁ, ରାମଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସେବାନିବୃତ୍ତ ଆଦର୍ଶ ଶିକ୍ଷକ ନିରଞ୍ଜନ ସେନାପତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶୁଭଦ୍ରା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଧାମନଗର, ୧୯ ।୨(ସମିସ):** ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ବାସିନ୍ଦା ତଥା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ନରେନ୍ଦ୍ର ମଲ୍ଲିକଙ୍କ ଧର୍ମପତ୍ନୀ ବସନ୍ତ ମଞ୍ଜରୀ ମଲ୍ଲିକଙ୍କ ବିୟୋଗ ଘଟିଛି। କିଛି ଦିନ ହେଲା ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ରାତି ୧୦ଟାରେ ତାଙ୍କ ଦେହାନ୍ତ ଘଟିଛି। ବୁଧବାର ସକାଳୁ ଉକ୍ତ ଦୁଃଖଦ ଖବର ପାଇ ଧାମନଗର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଏବଂ ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶଚନ୍ଦ୍ର ବେହେରା, ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ପୂର୍ବତନ ସରପଞ୍ଚ ରମଣୀ ରଂଜନ ଦାସ, ଅରବିନ୍ଦ ନାୟକ, ନରେନ୍ଦ୍ର ଦାସ, ପ୍ରଦୀପ୍ତ କିଶୋର ଦାସ, ହିମାଂଶୁ ଶେଖର ଦାସ, ବିଜୟ ଘଡ଼େଇ, ମନୋଜ ଭୂୟାଁ, ବିଭୂତିଭୂଷଣ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବନସର ଗ୍ରାମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

**ମଞ୍ଜୁରୀ ରୋଡ, ୧୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଲୋ-ମଢିଆଳି ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର ପ୍ରସାଦ ଜେନାଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ଜେନା ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ନିୟମିତ ଚିକିତ୍ସିତ ହେଉଥିଲେ। ରବିବାର ରାତିପ୍ରାୟ ୯ଟା ବେଳେ ତାଙ୍କର ବିୟୋଗ ଘଟିଥିବା ପରିବାର ପକ୍ଷରୁ ଜଣାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଡ. ଦେବାଶିଷ ଜେନା, ଇଂ ସୁବାଶିଷ ଜେନା, ସ୍ନେହାଶିଷ ଜେନାଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ବିୟୋଗ ଖବର ଜାଣିବା ପରେ ବିଧାୟକ ସଂଜୀବ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ଛାତ୍ର ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ବିଶ୍ୱନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ମାଝୀ, ବିନୋଦ ବିହାରୀ ରାଉତ, ବିଶ୍ୱରଞ୍ଜନ ଜେନା, ଦିବାକର ନାୟକ, ସଦାଶିବ ଦାସ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## କୋରୁଆ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଅସୁରାଳି,୧୯ ।୨(ସମିସ):** ଧାମନଗର ବ୍ଲକ୍ କୋରୁଆ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତାଇଗୌର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁବାସଚନ୍ଦ୍ର ମହାକୁଡ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗଚନ୍ଦ୍ର ନାୟକ, ନିଧିରାମ୍ ଦତ୍ତ, ସୁରେନ୍ଦ୍ର ପ୍ରସାଦ ନାଥ, ଭଜନି ସେଠୀ, ସମାଜସେବୀ ଆକୁଳଚନ୍ଦ୍ର ଦାସ, ସମିତିସଭ୍ୟା ପ୍ରତିନିଧି ରାକେଶ ପତି, ଗଦାଧର ବିଶ୍ୱାଳ ପ୍ରମୁଖ ଯୋଗ ଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଚମ୍ପାଲତା ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରାହାସ ବିହାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିଯୋଗ ସତ୍ତ୍ୱେ ଖଣି ବିଭାଗ ଚୁପ୍

# ଚରମ୍ପା ଅଞ୍ଚଳରେ ମାତିଛନ୍ତି ମାଟି ମାଫିଆ







**ଭଦ୍ରକ,୧୯ ।୨(ସମିସ)**

ଭଦ୍ରକ ଜିଲ୍ଲାରେ ଚୋରା ବାଲି ଓ ମାଟି ଆଦିର ଚୋରା ଚାଲାଣକୁ ରୋକିବାକୁ ସରକାରଙ୍କ ପକ୍ଷରୁ ଡେପୁଟି ଡାଇରେକ୍ଟର ମାଇନ୍ସଙ୍କ ସର୍କଲ ଅଫିସ ଖୋଲାଯାଇଛି। ଆଉ ଏହି ଦପ୍ତରରେ ମାଇନ୍ସ ଅଫିସର ବି କାର୍ଯ୍ୟ କରୁଛନ୍ତି। ତେବେ ଏହି ଅଧିକାରୀମାନେ ଜିଲ୍ଲାରେ ଚୋରା ବାଲି ଓ ମାଟି କାରବାର ରୋକିବା ଅପେକ୍ଷା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ରବିବାର ସହରାଞ୍ଚଳ ଜାତୀୟ ରାଜପଥ ସଂଲଗ୍ନ ଡାହାଣୀ ଗଡିଆଠାରେ ଏକ ଘରୋଇ ଜମିକୁ ମାଟି ପକାଇ ପୋତା ଯାଉଥିଲା। ଆଉ ରାଜପଥରେ ସ୍ପଷ୍ଟ ଦିବାଲୋକରେ ଦିନକୁ ଶହ ଶହ ଟ୍ରାକ୍ଟର ମାଟି ଆଣି ଉକ୍ତ ସ୍ଥାନରେ ପକାଉଥିଲେ। କାଗଜପତ୍ର ନଥିବା ପ୍ରାୟ ୨ଶହରୁ ଅଧିକ ଟ୍ରାକ୍ଟର ଏହି କାର୍ଯ୍ୟରେ ନିୟୋଜିତ ଥିବା ଅଭିଯୋଗ ହୋଇଛି। ଏନେଇ ଡେପୁଟି ଡାଇରେକ୍ଟର ମାଇନ୍ସ ଅଧିକାରୀଙ୍କୁ ତାଙ୍କ ମୋବାଇଲ ଯୋଗେ ଅଭିଯୋଗ କରାଯିବାରୁ ସେ ସୋମବାର ଏଦିଗରେ ପଦକ୍ଷେପ ନେବେ ବୋଲି କହିବା ସହ ପୁଲିସ ଓ ରାଜସ୍ୱ ବିଭାଗକୁ କୁହନ୍ତୁ ବୋଲି କହିଥିଲେ। ଆଜିକୁ ୪ଦିନ ହେବ ଉକ୍ତ ସ୍ଥାନରେ ଦିନକୁ ୨ଶହରୁ ୩ଶହ ଟ୍ରାକ୍ଟରରେ ମାଟି ଅଣାଯାଇ ପଡୁଥିଲେ ମଧ୍ୟ ଏଦିଗରେ ନା ରାଜସ୍ୱ ବିଭାଗ ନା ଖଣି ବିଭାଗ କିଛି ପଦକ୍ଷେପ ନେଉଛନ୍ତି। ଏହି ମାଟି ସରକାରୀ ଜମିରୁ ଅଣାଯାଉଥିବା ବେଳେ ବିଭାଗୀୟ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠୁଛି।

### ଦୈନିକ ଶହଶହ ଟ୍ରାକ୍ଟର ମାଟି ଲୁଟ୍

ବୁଧବାର ଖଣି ବିଭାଗ ଡେପୁଟି ଡାଇରେକ୍ଟରଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ସେ ମାଇନ୍ସ ଅଫିସରଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ମାଇନ୍ସ ଅଫିସର ଅନିଲ ଦାସ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ସହ ଆମେ ମାଟି ପକାଇବାକୁ ନେଇ ତଦନ୍ତ କରିଥିଲୁ, ଉକ୍ତ ଜମି ମାଲିକ ଡିହ ଜମିକୁ ଚାଷଜମି କରିବାକୁ ଦରଖାସ୍ତ ଦେଇଛନ୍ତି ବୋଲି କହିଥିବା ବେଳେ ରୟାଲଟି କେତେ ଦେଲେ ବା ନଦେଲେ ସେନେଇ କିଛି ସ୍ପଷ୍ଟ ଉତ୍ତର ଦେଇ ନଥିଲେ। ସେ ମାଟି ପକାଉଥିବା ମାଲିକକୁ ଭେଟିଥିବା ମଧ୍ୟ କହିଥିଲେ। ତେବେ ଉକ୍ତ ଜମିରେ ଆଜି ଶହଶହ ଟ୍ରାକ୍ଟର ଓ ନିୟୋଜିତରେ ଜେସିବିରେ ମାଟି ପକାଯାଉଛି। ଆଉ ଏହା ସ୍ପଷ୍ଟ ଦିବାଲୋକରେ ପୁଣି ସହରର ଜାତୀୟ ରାଜପଥ କଡ଼ରେ କିଭଳି ଏହି ବେଆଇନ୍ କାରବାର ଚାଲିଛି ଏନେଇ ପ୍ରଶ୍ନ ଉଠାଇଛନ୍ତି ବହୁ ସହରବାସୀ।

ଅନ୍ୟପକ୍ଷରେ ଉକ୍ତ ଖଣି ଅଧିକାରୀ ନିଜ ଦାୟିତ୍ୱ ଭୁଲି 'ଆଜି ଷ୍ଟେଟ ଟିମ୍ ଆସିଥିବାରୁ ଆମେ ବ୍ୟସ୍ତ ରହିଛୁ ଓ ଆସନ୍ତାକାଲି ମାଟି ପକାଉଥିବା ଲୋକଙ୍କୁ ଡାକିଛୁ ଓ ତହସିଲଦାରଙ୍କୁ ଜମି ଚିହ୍ନଟ ପାଇଁ ଲେଖିବୁ' ବୋଲି ମାଟିମାଫିଆଙ୍କୁ ସୁରକ୍ଷା ଦେବା ଭଳି ଉତ୍ତର ରଖିଥିଲେ। ସମୁଦାୟ ଘଟଣାକୁ ତର୍ଜମା କଲେ ହଜାର ହଜାର ଟ୍ରାକ୍ଟର ବୋଝେଇ ମାଟି ପକାଇବା କାର୍ଯ୍ୟକୁ ଖଣି ବିଭାଗର ପରୋକ୍ଷ ସମର୍ଥନରେ ଚାଲିଛି। କେବଳ ମାଟି ମାଫିଆ ନୁହେଁ ସହରର ସାଳନ୍ଦୀ ବାଇପାସ ରୋଡ, ଚରମ୍ପା ଓ ବନ୍ତଛକ ରୋଡ କଡ଼ରେ ଅବାଧରେ ବାଲି ବୋଝେଇ କରି ବିକ୍ରି ଚାଲିଛି। ଏଦିଗରେ ଖଣି ବିଭାଗର କିଛି ପଦକ୍ଷେପ ନାହିଁ। ଖଣି ବିଭାଗର ସର୍କଲ ଅଫିସ ବୋଧେ ଚୋରା ବାଲି, ମାଟି ମାଫିଆଙ୍କ ପ୍ରୋତ୍ସାହନ ଲାଗି ଖୋଲାଯାଇଛି ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏଦିଗରେ ଉଚ୍ଚପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

### ରାସନ୍ କାର୍ଡ କାଟିବାକୁ କଡ଼ା ନିର୍ଦ୍ଦେଶ

## ଆଶଙ୍କାରେ ଯୋଗ୍ୟ ହିତାଧିକାରୀ

**ବନ୍ତ/ଆଗରପଡ଼ା, ୧୯ ।୨(ସମିସ):** ସରକାର ଖାଉଟି ରାସନ୍ କାର୍ଡଧାରୀଙ୍କ ପାଇଁ ଏକ ମାନଦଣ୍ଡ ସ୍ଥିରୀକୃତ କରିଛନ୍ତି। ଏହି ମାନଦଣ୍ଡ ମଧ୍ୟରେ ଯେଉଁ କାର୍ଡଧାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନଙ୍କର ଏକ ବାଦ୍ ତାଲିକା ପ୍ରତି ବ୍ଲକକୁ ପ୍ରଦାନ କରାଯାଇଛି; କିନ୍ତୁ ସୂଚନା ଅନୁଯାୟୀ, ଉକ୍ତ ତାଲିକାରେ ତ୍ରୁଟି ରହିଥିବା ବେଳେ ଯୋଗ୍ୟ ହିତାଧିକାରୀ ତାଲିକାଭୁକ୍ତ ହୋଇଛନ୍ତି। ଯଦି ଅନୁଧ୍ୟାନ କରାଯାଏ ଖାଉଟି କାର୍ଡଧାରୀ ଛୋଟ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। କେତେବେଳେ ଅର୍ଥର ଆବଶ୍ୟକ ହେଲେ ଋଣ ପାଇଁ ବ୍ୟାଙ୍କର ସହାୟତା ନେଉଛନ୍ତି। ସେହି ସମୟରେ ବ୍ୟାଙ୍କ ଆୟକର ରିଟର୍ଣ୍ଣ ମାଗୁଛନ୍ତି। ସାଧାରଣ ଗରିବ ଲୋକଟି ବାଧ୍ୟ ହୋଇ ରିଟର୍ଣ୍ଣ ଫାଇଲ କରୁଛି। ରାସନ କାର୍ଡ ବାଦ ତାଲିକାରେ ତ୍ରୁଟି ସଂଶୋଧନ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆୟକର ରିଟର୍ଣ୍ଣ ରାସନ କାର୍ଡ ହିତାଧିକାରୀଙ୍କୁ ପ୍ରଭାବିତ କରୁଥିବାରୁ ଏଥିନେଇ ସରକାର ବିଚାର କରିବା ଜରୁରୀ ହୋଇପଡ଼ିଛି। ସରକାର ଯୋଗ୍ୟତା ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ସ୍ଥିର କରିଛନ୍ତି। ଇ-କେୱାଇସି ପ୍ରକ୍ରିୟା ପରେ ପ୍ରତି ବ୍ଲକକୁ ଏକ ତାଲିକା ପ୍ରଦାନ କରିଛନ୍ତି। ତଥାପି ଉକ୍ତ ତାଲିକାରେ ଅନେକ ତ୍ରୁଟି ରହିଛି। ଯାହା ଫଳରେ ଯୋଗ୍ୟ ହିତାଧିକାରୀ ରାସନରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏହି ହିତାଧିକାରୀଙ୍କ ମଧ୍ୟରୁ ଅନେକ ହେଉଛନ୍ତି କ୍ଷୁଦ୍ର ବ୍ୟବସାୟୀ, ଦୈନିକ ମଜୁରିଆ ଏବଂ ଆତ୍ମନିର୍ଭରଶୀଳ ବ୍ୟକ୍ତି। ଯେଉଁମାନେ ଆର୍ôଥକ ଆବଶ୍ୟକତା ସମୟରେ ପ୍ରାୟତଃ ଋଣ ପାଇଁ ବ୍ୟାଙ୍କକୁ ଯାଆନ୍ତି, ଯେଉଁଠାରେ ଆୟକର ରିଟର୍ଣ୍ଣ(ଆଇଟିଆର) ବାଧ୍ୟତାମୂଳକ। ଏହି କାରଣରୁ ବ୍ୟକ୍ତି ବ୍ୟାଙ୍କିଂ ଆବଶ୍ୟକତା ପୂରଣ କରିବା ପାଇଁ ଶୂନ୍ୟ ରିଟର୍ଣ୍ଣ ଫାଇଲ୍ କରନ୍ତି। ତେଣୁ ସରକାର ତ୍ରୁଟି ଚିହ୍ନଟ ଏବଂ ସଂଶୋଧନ କରି ଶୂନ୍ୟ ରିଟର୍ଣ୍ଣ ଆଇଟିଆର ଫାଇଲ୍ କରୁଥିବା ବ୍ୟକ୍ତିମାନେ ସ୍ୱୟଂଚାଳିତ ଭାବରେ ରାସନ ଲାଭ ପାଇବାରୁ ଅଯୋଗ୍ୟ ନ ହୁଅନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ପ୍ରକୃତ କରଦାତା ବ୍ୟକ୍ତି ଏବଂ କେବଳ ବ୍ୟାଙ୍କି ଆବଶ୍ୟକତା ପାଇଁ ରିଟର୍ଣ୍ଣ ଫାଇଲ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ଏକ ନିରପେକ୍ଷ ଯାଞ୍ଚ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଗାଈଗୋରୁଙ୍କୁ ଭଜଭଜିଆ ଟିକା

**ବାରିକପୁର,୧୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଏବେ ଗାଈଗୋରୁଙ୍କୁ ଭଜଭଜିଆ ଟିକା ପ୍ରଦାନ କରାଯାଉଛି। କିଛି ଦିନ ହେବ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବାଛୁରିଙ୍କୁ ଭଜଭଜିଆ ରୋଗ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ତେଣୁ ଛୋଟ ବାଛୁରିଙ୍କୁ ଜିଲ୍ଲା ପଶୁ ସମ୍ପଦ ବିଭାଗ ପକ୍ଷରୁ ଭଜଭଜିଆ ଟିକା ପ୍ରଦାନ କରାଯାଇଛି।



ବ୍ଲକର ରହଣିଆ, ନୂଆପୋଖରୀ, ମାଳଦା, ପୁରୁଷୋତ୍ତମପୁର, ରାଢୋ ଆଦି ଗ୍ରାମରେ ଏବେ ଟିକା କରଣ କରାଯାଇଛି। ଏହାଛଡା ସମସ୍ତ ପଶୁ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ମଧ୍ୟ ପର୍ଯ୍ୟାୟକ୍ରମେ ଟିକା ପ୍ରଦାନ ସକାଶେ ବ୍ୟବସ୍ଥା ହୋଇଛି। ବ୍ଲକର ୨୩ଟି ପଞ୍ଚାୟତରେ ପ୍ରାୟ ୫୦ ହଜାର ଗୃହପାଳିତ ପଶୁ ରହିଥିବା ବେଳେ ସେଥିମଧ୍ୟରୁ ଛୋଟ ବାଛୁରିଙ୍କ ସଂଖ୍ୟା ଆଠରୁ ଦଶ ହଜାର ଭିତରେ ହେବ। ପଶୁ ସମ୍ପଦ ବିଭାଗ ବିଭାଗ ପକ୍ଷରୁ କ୍ରମାନ୍ୱୟରେ ସମସ୍ତ ବାଛୁରିଙ୍କୁ ଟିକା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### ମାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷା ଲାଗି ଜିଲ୍ଲାପାଳଙ୍କ ଆଦେଶ

## ମାର୍ଚ୍ଚ ୨୭ ଯାଏଁ ହେବନି କୌଣସି ଯାତ୍ରା-ଶୋ'

**ଭଦ୍ରକ,୧୯ ।୨ (ସମିସ):** ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଅପେରା ଶୋ ପ୍ରଦର୍ଶନ ଉପରେ ସାମୟିକ ରୋକ୍ ଲଗାଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୩.୧.୨୫ରେ ପତ୍ର ସଂଖ୍ୟା ନଂ-୩୮୫ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶାନାମା ଅନୁଯାୟୀ, ଜିଲ୍ଲା ଜୁଡିସିଆଲ ବିଭାଗ ପକ୍ଷରୁ ଗତ ୧୮ରୁ ଆସନ୍ତା ମାର୍ଚ୍ଚ ୨୭ତାରିଖ ଯାଏଁ ଜିଲ୍ଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କୌଣସି ଅପେରା ବା ଯାତ୍ରା ପ୍ରଦର୍ଶନ ପାଇଁ ଅନୁମତି ଦିଆଯାଉନି। ଏହାର ବ୍ୟତିକ୍ରମ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତ୍ତିକନାଥ ମଣ୍ଡଳ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପ୍ରଶାସନର ଏଭଳି କଟକଣାକୁ ନେଇ ବିଭିନ୍ନ ପୂଜା କମିଟି ଚିନ୍ତାରେ ପଡିଛନ୍ତି। ଦଳ ଦଳ ହୋଇ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଯାତ୍ରା ଶୋ ପାଇଁ ସେମାନେ ପୂର୍ବରୁ ଆଡାଭାନ୍ସ ଦେଇଥିବାର ଏଦିଗରେ କିଛିଟା କୋହଳ କରିବାକୁ ନିବେଦନ କରିଛନ୍ତି। ତେବେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନେଇ ନିଜ ଜିଦରେ ଅଟଳ ରହିଥିବା ଜଣାଯାଇଛି। ଏଭଳି ପରିସ୍ଥିତିରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଆଜି ଗଣମାଧ୍ୟମ ଜରିଆରେ ସାମୟିକ ଭାବେ ଯାତ୍ରା ଶୋ' ପ୍ରଦର୍ଶନ ବନ୍ଦ କରିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଗେଲପୁର ବାପୁଜୀ ନୋଡାଲ ୟୁପି ସ୍କୁଲ୍‌ର ବାର୍ଷିକ ଉତ୍ସବ

**ଭଦ୍ରକ, ୧୯ ।୨(ସମିସ):** ପ୍ରାଥମିକ ଶିକ୍ଷା ପିଲାମାନଙ୍କ ଭବିଷ୍ୟତ ଜୀବନର ମୂଳଦୁଆ। ଏହି ବିଦ୍ୟାଳୟ ଗୁଡିକ ମଣିଷ ତିଆରି କାରଖାନା। ଏହି କାରଖାନାରେ କାରିଗର ହେଲେ ଶିକ୍ଷକମାନେ। ଶିକ୍ଷାଦାନ ଏକ ମହତ ଦାନ। ଏହାର ମହତ୍ତ୍ୱକୁ ବୁଝି ଶିକ୍ଷକମାନେ ନିଷ୍ଠାର ସହ ପିଲାମାନଙ୍କ ଭବିଷ୍ୟତ ଗଢିବା ସହ ସେମାନଙ୍କୁ ଜଣେ ସୁନାଗରିକ ହେବାରେ ସହାୟକ ହେବା ଉଚିତ। ଶିକ୍ଷକମାନେ ସମାଜରେ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି। ଶିକ୍ଷକ ଭାବରେ ଯେଉଁମାନଙ୍କର ସ୍ୱାଭିମାନ, ମର୍ଯ୍ୟାଦାବୋଧ ଓ ଉନ୍ନତ ଜ୍ଞାନ ତଥା ଚରିତ୍ର ରହିଛି ସରକାର ସେମାନଙ୍କୁ ଆଦର୍ଶ ଶିକ୍ଷକ ନକହିଲେ ସୁଦ୍ଧା ସେମାନେ ସମାଜରେ ଆଦର୍ଶ ପାଲଟି ଯାଇଥାନ୍ତି। ସେହିମାନଙ୍କ ପାଇଁ ଶିକ୍ଷା ରୂପକ କାରଖାନାଟି ବାସ୍ତବରେ ଚାଲିଛି ବୋଲି ଆଜି ଭଦ୍ରକ ଗେଲପୁର ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଗୟାଧର ପଣ୍ଡା, ଅରୁଣ କୁମାର ସାହୁ, ବାପୁଜୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଲେଙ୍କା, ସିଆରସିସି ଏସ୍‌କେ ସଲାଉଦ୍ଦିନ, ଆଲୁମୁନି କମିଟି ସଭାପତି ସ୍ନେହାଶିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବାର୍ଷିକ ଉତ୍ସବକୁ ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ନେହାଶିଷ କର, ଦୀପ୍ତି ସାମନ୍ତ, ବହ୍ନିବାଳା ମିଶ୍ର, ପୁଷ୍ପଲତା ମହାନ୍ତି, ମନିଷା ତ୍ରିପାଠୀ, ଅନୁସୟା ବେଜ, ପ୍ରତୀଚି ମହାନ୍ତି, ସ୍ନିଗ୍ଧାରାଣୀ ନାୟକ, ରାଜଶ୍ରୀ ମହାନ୍ତି, ଅବନ୍ତି ସାମଲ, ମୀରା ସୂତାର, ସରସ୍ୱତୀ ଖଣ୍ଡାଇ ପ୍ରମୁଖ ପରିଚାଳନା କରିଥିଲେ। ଗେଲପୁର ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



### ବୈତରଣୀରୁ ବେଆଇନ ବାଲି ଉଠାଣ; ଖଣି ବିଭାଗର ଚଢ଼ଉ

# ଧରାପଡ଼ିଲା ବାଲି ବୋଝେଇ ଟିପର୍

**ଦୋବଲ, ୧୯ ।୨(ସମିସ)**

ଧାମନଗରର ବିଭିନ୍ନ ସ୍ଥାନରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଗୋଟେ ବାଲି ବୋଝେଇ ଟିପର ଜବତ କରି ଧାମନଗର ଥାନା ଜିମା ଦିଆଯାଇଛି। ଚଢ଼ଉ ବେଳେ ବାଲି ଚୋରା ଚାଲାଣ କରୁଥିବା ଆଉ ୨ଟି ଟ୍ରାକ୍ଟର ଫେରାର ହୋଇଯାଇଛି। ତା ସଂପର୍କରେ ଖଣି ବିଭାଗ କୌଣସି ଟେର ପାଇନାହିଁ। ଧାମନଗର ତହସିଲ ଅଧୀନ ଆନନ୍ଦପୁର, ସୋହଡ଼ା, ପଧାନି, ଅର୍ଜୁନପୁର ଆଦି ପଞ୍ଚାୟତରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଆନନ୍ଦପୁରର ପଣସମାହାରା, ମାନଲାପୁର ଓ ଉତେଇପୁର ଘାଟ, ସୋହଡ଼ାର ଷେଣ୍ଢପୁର ଓ କଣ୍ଟାପାରୀ, ଅର୍ଜୁନପୁରର ବାଲିପାଟଣା, ପଧାନିର ଦଣ୍ଡିକୂଳଠାରେ ବାଲି ଚୋରି ହେଉଛି। ସ୍ଥାନୀୟ ଗାଡ଼ି ମାଲିକମାନେ ରାତିରେ ଡୋଜର ଲଗାଇ ନଦୀ ଗର୍ଭରୁ ବାଲି ଉଠାଉଛନ୍ତି। ସେହି ବାଲିକୁ ଟ୍ରାକ୍ଟର ଓ ଟ୍ରକ ଜରିଆରେ ଚାଲାଣ କରୁଛନ୍ତି। ସ୍ଥାନୀୟ ଗାଡ଼ି ମାଲିକ ମନଇଚ୍ଛା ଏଭଳି ବେଆଇନ ବାଲିଘାଟ ଚଳାଇ ଆସୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ବି ଖଣି ବିଭାଗ କର୍ମଚାରୀ ଅଭାବ ଦର୍ଶାଇ ନିରବ ରହି ଆସୁଥିଲା। ଆଜି ଖଣି ବିଭାଗ ଅଧିକାରୀ ଧାମନଗର ଅଞ୍ଚଳରେ ଚାଲିଥିବା ବେଆଇନ ବାଲିଘାଟ ଉପରେ ଚଢ଼ଉ କରିବାକୁ ଯାଉଥିଲେ। ରାସ୍ତାରେ ଯିବାବେଳେ ଧାମନଗର ଜରା ନିବାସ ପାଖରୁ ୧ ବାଲି ଗାଡ଼ିକୁ ପିଛା କରି ପଳିକିରି ନିକଟରୁ ଉକ୍ତ ବାଲି ବୋଝେଇ ଟ୍ରକ ଧରା ଯାଇ ଧାମନଗର ଥାନାକୁ ନିଆଯାଇଛି।




## ୪୨ତମ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ



**ଭଦ୍ରକ,୧୯ ।୨(ସମିସ):** ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ୪୨ତମ ଜିଲ୍ଲା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଜିଲ୍ଲାରେ ସଡକ ସୁରକ୍ଷା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାର ମୁଖ୍ୟ ଦୁର୍ଘଟଣାସ୍ଥଳ ପାଲଟିଥିବା ଜାତୀୟ ରାଜପଥରେ ବିଷ୍ଣୁପୁର ଛକଠାରେ ନିର୍ମାଣାଧୀନ ଭିୟୁପିର ନିର୍ମାଣ କାର୍ଯ୍ୟ ଅପ୍ରେଲ ୩୦ ତାରିଖ ସୁଦ୍ଧା ଏବଂ ତ୍ରିଶଳପୁର୍‌ଠାରେ ନିର୍ମାଣାଧୀନ ଭିୟୁପିର ନିର୍ମାଣ କାର୍ଯ୍ୟ ଜୁଲାଇ ୩୧ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବା ପାଇଁ ପ୍ରୋଜେକ୍ଟ ଡାଇରେକ୍ଟର, ଏନଏଚଏଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚରମ୍ପା ସର୍ଭିସ୍ ରୋଡ କଡ଼ରେ ଅସମ୍ପୂର୍ଣ୍ଣ ଡ୍ରେନେଜ୍ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଏବଂ ଜାତୀୟ ରାଜପଥ ଉପରେ ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ନେବା, ଆରଡ଼ି ଛକ ରାସ୍ତାରେ ଜଳ ଜମିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗଠିତ ସବ୍‌କମିଟି ଜରିଆରେ ପରୀକ୍ଷଣ କରାଯିବା ପରି ଅନେକ ବିଷୟରେ ଆଲୋଚନା ହୋଇଥିଲା। ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକା, ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ, ସହକାରୀ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ଭଦ୍ରକ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ସାମଲ, ସଡ଼କ ସୁରକ୍ଷା ଅଧିକାରୀ ସେକ ଅବଦୁଲ ରହିମ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜିଭି. ବର୍ମା, କମିଟି ସଦସ୍ୟ ରୋଟାରିଆନ ଅତିସ ବେହେରା, ପତ୍ରକାର ରବିନାରାୟଣ ଖିଲାର, ବସ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବର୍ଷାରେ ଧାନର ସୁରକ୍ଷା ଚିନ୍ତା

ଭଦ୍ରକ, ୧୯ ।୨(ସମିସ)

ପାଣିପାଗ ବିଭାଗର ଆକଳନ ଅନୁଯାୟୀ ୪ ଦିନ ପୂର୍ବରୁ ସମ୍ଭାବ୍ୟ ବର୍ଷାଜନିତ ସୂଚନା ପ୍ରାପ୍ତ କ୍ରମେ ସମସ୍ତ ଧାନ ମଣ୍ଡିରେ କିଣାଯାଇଥିବା ଧାନକୁ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଧାନ କିଣା ବ୍ୟବସ୍ଥା ଓ ପରିଚାଳନା ଉପରେ କଡ଼ା ନଜର ରଖି ଆସିଥିବା ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶମତେ ଧାନକିଣା କାର୍ଯ୍ୟ ସମ୍ପାଦନରେ ନିୟୋଜିତ ସମ୍ପୃକ୍ତ ଯୋଗାଣ, ସହାୟକ ନିବନ୍ଧକ ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି ଆଦି ବିଭାଗୀୟ ଅଧିକାରୀ ସମସ୍ତ ମଣ୍ଡି ନୋଡ଼ାଲ ଅଧିକାରୀ ପ୍ରମୁଖ ସମସ୍ତ ମଣ୍ଡି ପରିଦର୍ଶନ କରି ବର୍ଷା ପାଣିରେ ଧାନ ନ ଭିଜିଲା ଭଳି ଗ୍ରହଣ କରାଯାଇଥିବା ପଦକ୍ଷେପ ତଦାରଖ କରିଥିଲେ। ଡାକବାଜି ଯନ୍ତ୍ରଦ୍ୱାରା ଗାଁ ଗାଁ ବୁଲି ଚାଷୀମାନଙ୍କୁ ଧାନ ବିକ୍ରୟ ନେଇ ବ୍ୟତିବ୍ୟସ୍ତ ନ ହେବାକୁ ପ୍ରଚାର ପ୍ରସାର କରାଯାଇଆସୁଅଛି। ନିଜ ନିଜର ଅମଳ ଧାନକୁ ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଆଯାଉଛି। ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ ଚାଷୀମାନଙ୍କ ସାଥୀରେ ଅଛନ୍ତି। ବର୍ଷା ପରବର୍ତ୍ତୀ ସମୟରେ ଧାନ ବିକ୍ରିରେ କୌଣସି ଅସୁବିଧା ହେବନାହିଁ, ଚାଷୀଙ୍କୁ ମିଳିଥିବା ଟୋକନ୍ ଲାପସ୍ ହେବାର ପ୍ରଶ୍ନ ଉଠୁନାହିଁ ଏବଂ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଧାନକୁ ସୁରକ୍ଷିତ ରଖିବାରେ ଆଗୁଆ ସତର୍କ ରହିବାକୁ ଚାଷୀମାନଙ୍କୁ ପୂର୍ବରୁ ସଚେତନ କରାଯାଇଥିବାରୁ ସେମିତି ବିଶେଷ କିଛି ଅସୁବିଧା ନ ଉପୁଜିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି।





● ଜିଲ୍ଲାରେ ଧାନ କିଣୁଛନ୍ତି ୪୧ ମିଲର୍

## ୫୦, ୦୧୭ ଚାଷୀଙ୍କ ଉଠିଲାଣି ୨୧, ୨୫, ୯୯୯ କ୍ୱିଣ୍ଟାଲ ଧାନ

ଭଦ୍ରକ, ୧୯ ।୨(ସମିସ): ସରକାରୀ ଦରରେ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ମଣ୍ଡି ଜରିଆରେ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣିବା ନେଇ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସମସ୍ତ ପ୍ରକାର ପ୍ରସ୍ତୁତି ନେଇ ଧାନ କିଣା କାର୍ଯ୍ୟ ଚାଲୁ ରହିଛି। ଅଦ୍ୟାବଧି ୫୦, ୦୧୭ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ସମୁଦାୟ ୨୧, ୨୫, ୯୯୯ କ୍ୱିଣ୍ଟାଲ ଧାନ କିଣା ସରିଛି। ଧାନକ୍ରୟବାବଦ ୪୦, ୯୯୯ ଜଣ ଚାଷୀଙ୍କୁ ସମୁଦାୟ ୪୦୧, ୯୯, ୫୫, ୨୪୯ ଟଙ୍କା ପଇଠ କରାଯାଇ ସାରିଛି। ଭଦ୍ରକ ଜିଲ୍ଲା ପାଇଁ ୩୪, ୧୧, ୪୪୧ କ୍ୱିଣ୍ଟାଲ ଧାନ କିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭଦ୍ରକ ଜିଲ୍ଲାରୁ ୨୨ ଜଣ ଓ ଜିଲ୍ଲା ବାହାରୁ ୨୩ ଜଣ ମିଲର ଧାନ କିଣାରେ ପ୍ରଶାସନ ତରଫରୁ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜିଲ୍ଲା ବାହାରୁ ଆସିଥିବା ୧୯ ଜଣ ମିଲର ଓ ଜିଲ୍ଲାର ୨୨ ଜଣ ମିଶି ସମୁଦାୟ ୪୧ ଜଣ ମିଲରଙ୍କ ଦ୍ୱାରା ଏବେ ଧାନ କିଣା ଜାରି ରହିଛି। ସମୁଦାୟ ଧାର୍ଯ୍ୟ ଲକ୍ଷ୍ୟରୁ ୨୮, ୯୪, ୯୮୭ କ୍ୱିଣ୍ଟାଲ ଧାନ କିଣାପାଇଁ ବଣ୍ଟନ କରାଯାଇଛି। ୩, ୫୯, ୬୭୪.୮୧ କ୍ୱିଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ବାଣ୍ଟିବା ପାଇଁ ବାକି ଅଛି। ଏବେ ସୁଦ୍ଧା ମିଲରମାନେ ମଣ୍ଡିରୁ ୧୯, ୧୩, ୩୩୨.୬୯ କ୍ୱିଣ୍ଟାଲ ଧାନ ଉଠାଇ ସାରିଛନ୍ତି। ୨, ୧୨, ୬୬୬.୫୧ କ୍ୱିଣ୍ଟାଲ ଧାନ ଏବେ ସୁଦ୍ଧା ମଣ୍ଡିରେ ପଡ଼ି ରହିଛି।

## କ୍ଷେତ୍ର ବୁଲିଲେ ସମବାୟ ଅଧିକାରୀ

ମଣ୍ଡିରେ ଭିଜିଲା ଶହ ଶହ ଧାନବସ୍ତା

ବାରିକପୁର, ୧୯ ।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଆଜି ପ୍ରାୟ ଏକ ଘଣ୍ଟା ଧରି କୁଆପଥର ସହିତ ମୂଷଳ ଧାରାରେ ବର୍ଷା ହୋଇଛି। ତେଣୁ ବିଭିନ୍ନ ସରକାରୀ ମଣ୍ଡିରେ ଗଛିତ ରହିଥିବା ଶହଶହ ଧାନ ବସ୍ତା ଭିଜି ଯାଇଛି। ଯଦିଓ ଦୁଇ ତିନି ଦିନ ପୂର୍ବରୁ ମଣ୍ଡିରୁ ସମସ୍ତ ଧାନ ନେବା ପାଇଁ ମିଲରଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା କିନ୍ତୁ ତାହା ସତପ୍ରତିଶତ ସଫଳ ହୋଇ ନଥିଲା। ମଣ୍ଡିରୁ କିଛି ମାତ୍ରାରେ ଧାନ ଉଠିଥିଲେ ମଧ୍ୟ ଆହୁରି କିଛି ରହି ଯାଇଥିଲା। ଯାହାକି ଆଜି ଅଦିନିଆ ବର୍ଷା ପବନ ମାଡ଼ରେ କ୍ଷତି ହୋଇଛି। ଏପଟେ ସକାଳ ବେଳା ସମବାୟସମୂହ ସହକାରୀ ନିବନ୍ଧକ ପ୍ରାଚୀତା ଜେନା ଓ ବସନ୍ତ ରଣା ବିଭିନ୍ନ ସମିତି ଅଧିନ ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। କେଉଁଠି କେତେ ପରିମାଣରେ ଧାନ ଗଛିତ ଅଛି ତାହା କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ସମବାୟ ଅଧିକାରୀଦ୍ୱୟ ମଣ୍ଡି ପରିଦର୍ଶନ କରି ଯିବା ପରେ ପରେ ଦିନ ଚାରିଟା ବେଳେ ବର୍ଷା ଆରମ୍ଭ ହୋଇଥିଲା। ମୋଟାମୋଟି ଭାବରେ ଅଦିନିଆ ବର୍ଷା ଯୋଗୁଁ ପ୍ରାୟ ୧୬ ଗୋଟି ସରକାରୀ ମଣ୍ଡିରେ ଧାନ ଭିଜିଥିବା ଜଣାପଡ଼ିଛି।



## ନିରୁପମାଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା, ୧୯ ।୨(ସମିସ): ବିଟିପୁର ଗ୍ରାମବାସୀ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମନାଭ ସେଠୀଙ୍କ ସହଧର୍ମିଣୀ ଟେରାକୋଟା ଶିଳ୍ପୀ ନିରୁପମା ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ନେହରୁ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲା ମହୋତ୍ସବରେ ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରମୁଖ ନିରୁପମାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ନିରୁପମା ୧୫ ବର୍ଷଧରି ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ମାନ୍ୟତାପ୍ରାପ୍ତ ନିପୁଣ ଶିକ୍ଷୟିତ୍ରୀ ଭାବେ ସୂଚାରୁରୂପେ କାର୍ଯ୍ୟକରି ଆସୁଛନ୍ତି। ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଟେରାକୋଟା କ୍ରାଫ୍ଟରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା ସହିତ ତାଙ୍କ ପ୍ରେରଣାରେ ବହୁ ମହିଳା ଉତ୍ପାଦନ ଦ୍ରବ୍ୟ ବିକ୍ରି କରି ତାଙ୍କ ଦ୍ୱାରା ସ୍ୱାବଲମ୍ବୀ ହୋଇ ପାରିଛନ୍ତି।



## ଅଦିନିଆ ବର୍ଷାରେ ମୁଗ ବିରି ଚାଷ ପ୍ରଭାବିତ

ଅସୁରାଳି, ୧୯ ।୨(ସମିସ): ଭଦ୍ରକର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଧାମନଗରର ବିଭିନ୍ନ ଅଞ୍ଚଳ ତଥା କୋଠାର, ଗୋବିନ୍ଦପୁର, ଅସୁରାଳି, ଗଡିଆଳି, ବେତାଳି ଗାଁ, ହସନାବାଦ, ଅର୍ଜୁନପୁର, ଫତେପୁର, ଧୂଷୁରୀ ଆଦି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇଥିଲା। ଏହିପରି ବର୍ଷା ଆଗାମୀ ୨ଦିନ ପର୍ଯ୍ୟନ୍ତ ଲାଗୁ ରହିବ। ଏହି ଅଦିନିଆ ବର୍ଷା ଯୋଗୁଁ ବିଲରେ ଲାଗିଥିବା ପନିପରିବା, ମୁଗ, ବିରି, ଚିନାବାଦାମ ଓ ଆଳୁ ଚାଷ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ରହିଲେ ଆଳୁ ଫସଲରେ ପତ୍ରପୋଡ଼ା ଓ ଚିନାବାଦାମରେ ଝାଉଁଳା ରୋଗ ହେବାର ଆଶଙ୍କା ରହିଛି। ସେହିପରି ସୋରିଷ ଗଛରେ ପାଉଁଶିଆ ରୋଗ ମଧ୍ୟ ହୋଇ ପାରେ। ତେଣୁ ଏହିସବୁ ରୋଗ ପ୍ରତି ବିଶେଷ ଧ୍ୟାନ ଦେବାକୁ କୃଷି ଅଧିକାରୀ ସୂଚନା ଦେଇଛନ୍ତି। କେବଳ ଫସଲ ନୁହ ଜନଜୀବନ ମଧ୍ୟ ଏହି ଅଦିନିଆ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ହାଟୁଆ ପାଖରୁ ଆରମ୍ଭ କରି ଦିନ ମଜୁରିଆ ଯାଏଁ, ଚାଷୀଙ୍କଠୁ ଆରମ୍ଭ କରି ସରକାରୀ କର୍ମଚାରୀ ଯାଏଁ ସମସ୍ତେ ଅଦିନିଆ ବର୍ଷାର ଶିକାର ହୋଇଥିଲେ। ବର୍ଷା ଯୋଗୁଁ ତାପମାତ୍ରାରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି।

## ବୁଢ଼ା ଗଣେଶଙ୍କ ସପ୍ତଦଶତମ ବାର୍ଷିକ ଉତ୍ସବ

ଅସୁରାଳି, ୧୯ ।୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର କଷଟିଠାରେ ୧୭ତମ ବୁଢ଼ା ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୧୭ବର୍ଷ ପୂରାତନ ଏହି ବୁଢ଼ା ଗଣେଶ ପୂଜା ପାଇଁ ଘରଟିଏ ନଥିଲା। ଗ୍ରାମବାସୀ ଏକ କୁଡ଼ିଆ ଘରେ ପ୍ରଭୁଙ୍କର ପୂଜାର୍ଚ୍ଚନା କରି ଆସୁଥିଲେ। ସିଦ୍ଧିଦାତା ପ୍ରଭୁ ଗଣେଷଙ୍କ କୃପାରୁ ବହୁ ଶ୍ରଦ୍ଧାଳୁ ଓ ଗ୍ରାମବାସୀ, ରାଜନୈତିକ ନେତୃତ୍ୱଙ୍କ ସାହଯ୍ୟ ସହଯୋଗ ଓ ଅନୁଦାନ ଯୋଗୁଁ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ପାରିଛି। ଆଜକୁ ୧୭ବର୍ଷ ଧରି ଗଣନାଥ ବୁଢ଼ା ଗଣେଶଙ୍କ ପ୍ରତିମୂର୍ତ୍ତି ଏହି ମନ୍ଦିରରେ ପୂଜିତ ହୋଇ ଆସୁଛନ୍ତି। ପ୍ରତି ବର୍ଷ ମଧ୍ୟ ଏହାର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇ ଆସୁଛି। ପ୍ରତିଦିନ ପ୍ରାତଃ ଓ ସନ୍ଧ୍ୟା ସମୟରେ ହୋମ ଯଜ୍ଞ ଚଣ୍ଡୀପାଠ ରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ପରିବେଶକୁ ଭକ୍ତିମୟ କରିଦିଅନ୍ତି। ଏହି ପୂଜା ଅବସରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ କାର୍ଯ୍ୟକ୍ରମଗୁଡିକ ସମ୍ପାଦନ ହୋଇଥିବାରୁ ଶ୍ରଦ୍ଧାଳୁମାନେ ଖୁସି ବ୍ୟକ୍ତ କରିଛନ୍ତି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ସହଯୋଗ କରିଥିଲେ। ପଣ୍ଡିତ ଚକ୍ରଧର ମୈକାପ ଓ କର୍ତ୍ତା ଶୁଭଙ୍କର ନାୟକ, ବିନ୍ଦୁ ଓଝା ସମ୍ପାଦନ କରିଥିଲେ। ପ୍ରତିଦିନ ଭଜନ କୀର୍ତ୍ତନ ସହ ହରିବୋଲ ହୁଳହୁଳି ଧ୍ୱନି ପରିବେଶକୁ ଆଧ୍ୟାତ୍ମିକ ଭାବରେ ଭରି ଦେଇଥିଲା।



ରନ୍ଧନ ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

## ଜଳିଗଲା ୨ ବଖରା, ଦୁଇ ଆହତ

ଅସୁରାଳି, ୧୯।୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗଡ଼ିଆଳି ପଞ୍ଚାୟତର ଉଚ୍ଚପଦାସ୍ଥିତ ବୃନ୍ଦାବନ ସାହୁ (୬୨) ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ବୃନ୍ଦାବନ ସାହୁଙ୍କ ପତ୍ନୀ ବାସନ୍ତୀ (୫୮) ସନ୍ଧ୍ୟା ୭ଟା ସମୟରେ ଏଲପିଜି ଗ୍ୟାସ୍‌ରେ ରାନ୍ଧୁଥିବା ବେଳେ ବିସ୍ଫୋରଣ ଘଟି ନିଆଁ ଚାରି ଆଡ଼େ ଖେଳି ଯାଇଥିଲା। ଏହାଫଳରେ ଦୁଇ ଜଣ ଆହତ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଘର ଭିତରେ ଥିବା ସମସ୍ତ ଜିନିଷ ଜଳି ପାଉଁଶ ହୋଇଯାଇଛି। ଧାମନଗର ଦମକଳ ବାହିନୀ ଆସି ଶେଷରେ ନିଆଁକୁ ଆୟତ୍ତ କରିଥିଲେ। ତଥାପି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନିକ ସହାୟତା ପାଇଁ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ଓ ଦକ୍ଷତା ବିକାଶ ମେଳାର ପ୍ରଶାସନିକ ପ୍ରସ୍ତୁତି

ଭଦ୍ରକ, ୧୯।୨(ସମିସ): ବେକାରୀ ସମସ୍ୟା ଦୂରୀକରଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ନିଯୁକ୍ତି ଓ ଦକ୍ଷତା ବିକାଶ ମେଳା ରାଜ୍ୟ ସରକାରଙ୍କ ଦ୍ୱାରା ଜାରୀ ମାର୍ଗଦର୍ଶିକା ଅନୁଯାୟୀ ଭଦ୍ରକ ଜିଲ୍ଲା ସ୍ତରରେ ଆୟୋଜନ କରାଯିବା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅନୀତା ନାୟକଙ୍କ ଦ୍ୱାରା ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରା ଯାଇଥିଲା। ଆଗାମୀ ମାର୍ଚ୍ଚ ୨୩ ତାରିଖ ଏହି ଜିଲ୍ଲା ନିଯୁକ୍ତି ଓ ଦକ୍ଷତା ବିକାଶ ମେଳା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଉଦଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ସାଂସଦ, ସମସ୍ତ ବିଧାୟକ ଓ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା ଦିନ ୧୦ଟାରୁ ୩ଟା ମଧ୍ୟରେ ଭଦ୍ରକ ସହରର ଦକ୍ଷିଣ କାଳୀ ମନ୍ଦିର ନିକଟସ୍ଥ ଗୋପାଳଜୀଉ ମଠ ପଡ଼ିଆରେ ଆୟୋଜନ କରାଯିବା ନେଇ ସ୍ଥିରିକୃତ ହୋଇଛି। ଏଥିପାଇଁ ୫୨ଟି ସଂସ୍ଥାଠାରୁ ସମ୍ମତି ମିଳିଥିଲେ ମଧ୍ୟ ଜିଲ୍ଲାରେ ସ୍ଥାନୀୟ ବେକାର ଯୁବ ଗୋଷ୍ଠୀଙ୍କୁ ସୁହାଇଲା ଭଳି ଅଧିକ ସୁବିଧା ଓ ନିଯୁକ୍ତି ସୁଯୋଗ ପ୍ରଦାନକାରୀ ସଂସ୍ଥାଙ୍କୁ ପ୍ରାଥମିକତା ପ୍ରଦାନ ପୂର୍ବକ ମେଳାରେ ଅଂଶଗ୍ରହଣ ନେଇ ସୁନିଶ୍ଚିତ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ, ଅଷ୍ଟମ ଶ୍ରେଣୀ ପାସରୁ ଊର୍ଦ୍ଧ୍ୱ ଯୋଗ୍ୟତା ଥିବା ବେକାରୀମାନେ ଏହି ମେଳାରେ ସାମିଲ ହୋଇ ନିଜର ରୁଚି, ଯୋଗ୍ୟତା ଓ ପସନ୍ଦ ଅନୁସାରେ ନିଯୁକ୍ତି ଚୟନ କରିପାରିବେ। ଏଥିରେ ବହୁ ସଂଖ୍ୟାରେ ବେକାରୀ ଯୁବ ଗୋଷ୍ଠୀ ପହଞ୍ଚି ପାରିବା ନେଇ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ବିଡିଓଙ୍କ ଜରିଆରେ ପ୍ରଚାରପତ୍ର ଓ ବ୍ୟାନର, ପଞ୍ଜିକୃତ ତାଲିମ୍ ପ୍ରାପ୍ତ ପିଲାମାନଙ୍କ ପାଖକୁ ଏସଏମ ଏସ୍ ପ୍ରେରଣ, କଲେଜ ରୁ ଉତୀର୍ଣ୍ଣ ଓ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କୁ ଅବଗତ କରାଇବା ପାଇଁ ମହାବିଦ୍ୟାଳୟଗୁଡିକର ଅଧୀକ୍ଷକଙ୍କୁ ଅବଗତ କରାଯିବ। ଆର୍ମି, ଏୟାର ଫୋର୍ସ ଓ ଭାରତୀୟ ଉପକୂଳ ସୁରକ୍ଷାରେ ଥିବା ନିଯୁକ୍ତି ବିଭାଗଙ୍କୁ ମଧ୍ୟ ଅବଗତ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ନିଯୁକ୍ତି ମେଳା ଆୟୋଜନ ପାଇଁ ଆବଶ୍ୟକ ସମ୍ପୃକ୍ତ ବିଭାଗୀୟ ସହଯୋଗ ପାଇଁ ପୁଲିସ, ଅଗ୍ନିଶମ, ପୌରପାଳିକା ଭଦ୍ରକ, ଜନସ୍ୱାସ୍ଥ୍ୟ, ଚିକିତ୍ସା ଆଦିରେ ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ସେମାନଙ୍କ ସମର୍ଥନ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି।



## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରର ଫଳ ଭୋଗୁଛନ୍ତି ମହିଳା ଓ ୬ ମାସର ଶିଶୁ

ଦୋବଲ/ଧାମନଗର, ୧୯ ।୨(ସମିସ)

ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଯୋଗୁଁ ସମସ୍ୟା ଭୋଗୁଛନ୍ତି ମହିଳା ଓ ୬ ମାସର ଶିଶୁ। ଅସ୍ତ୍ରୋପଚାର ବେଳେ ମହିଳାଙ୍କ ଅନ୍ତଃନଳୀରେ କ୍ଷୁଦ୍ର ହୋଇଥିବାରୁ ଖାଦ୍ୟ ଗ୍ରହଣ କରିପାରୁ ନାହାନ୍ତି। ଦିନକୁ ଦିନ ଅସୁସ୍ଥ ହେଉଥିବା ବେଳେ ସେପଟେ ମହିଳାଙ୍କର ୬ ମାସର ଶିଶୁ ମଧ୍ୟ ମା’ କ୍ଷୀରରୁ ବଞ୍ଚିତ ହେଉଛି। ଏଭଳି ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପ୍ରଚାର ପାଇଁ ଦୁଇଟି ଜୀବନକୁ ନର୍କ ଭିତରକୁ ଠେଲିଦେଲେ ଡାକ୍ତର। ଏଭଳି ଘଟଣା ଘଟିଛି ଧାମନଗର ଥାନା କରଦା ପଞ୍ଚାୟତ ମାଳସାହି ଗ୍ରାମର ସଦାନନ୍ଦ କରଙ୍କ ଝିଅ ସ୍ୱର୍ଣ୍ଣପ୍ରଭା କରଙ୍କ କ୍ଷେତ୍ରରେ। ଗତ ଜାନୁଆରୀ ୩୧ ତାରିଖରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷକ ଡାକ୍ତର ମନ୍ମୟ ସାମନ୍ତ ସିଂହାର ଅସ୍ତ୍ରୋପଚାର କରିଥିଲେ। ଲାପ୍ରୋସ୍କୋପି ମଧ୍ୟରେ ଅପରେସନ କରିବା ସମୟରେ ଖାଦ୍ୟ ନଳୀରେ ଏକ କ୍ଷୁଦ୍ର ହୋଇଯାଇଥିଲା ଫଳରେ ଡାକ୍ତର ଉକ୍ତ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରି ତୁରନ୍ତ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ପରିବାର ଲୋକେ କଟକ ମେଡିକାଲରେ ମହିଳାଙ୍କୁ ପୁନର୍ବାର ଅସ୍ତ୍ରୋପଚାର କରିବା ସହ ୧୫ ଦିନ କଟକ ମେଡିକାଲ ରଖି ଚିକିତ୍ସା କରିଥିଲେ। କଟକ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମହିଳା ସମ୍ପୂର୍ଣ୍ଣ ବେଡରେଷ୍ଟ ନେବା ସହ ତରଳ ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଖାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉକ୍ତ ମହିଳାଙ୍କ ଏକ ୬ ମାସର ଶିଶୁ କନ୍ୟା ଥିବାରୁ ପିଲାଟି ମା’ କ୍ଷୀରରୁ ବଞ୍ଚିତ ହୋଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ମହିଳାଙ୍କ ପରିବାର ଲୋକେ। ଦୀର୍ଘ ୧୫ ଦିନ କଟକରେ ଚିକିତ୍ସା ପରେ ସ୍ୱର୍ଣ୍ଣପ୍ରଭା ନିଜ ବାପ ଘରକୁ ଫେରି ଏବେ ବିଛଣାରେ ପଡ଼ିଛନ୍ତି ଆଉ ମା’ କ୍ଷୀରରୁ ବଞ୍ଚିତ ହୋଇ ୬ ମାସର ଶିଶୁ ମାପରେ ଶୋଇ ରହିଛି। ଏଭଳି ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳା ଆଜି ମହିଳା ଆଜି ଯନ୍ତ୍ରଣାରେ ବିଛଣାରେ ପଡ଼ିଛନ୍ତି। ପ୍ରତ୍ୟେକ ମାସରେ ଦୁଇଥର କଟକ ଯାଇ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପାଇଁ କହିଥିବା ବେଳେ ଆର୍ଥିକ ପରିସ୍ଥିତି ଖରାପ ଥିବାରୁ କିପରି ଚିକିତ୍ସା କରାଇବେ ସେନେଇ ଚିନ୍ତାରେ ପରିବାର ଲୋକେ। ଏନେଇ ଅସ୍ତ୍ରୋପଚାର କରିଥିବା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଘଟଣାକୁ ସ୍ୱୀକାର କରିବା ସହ ପରବର୍ତ୍ତୀ ମୁହୂର୍ତ୍ତରେ ଆଉଥରେ ଅସ୍ତ୍ରୋପଚାର କରି କଟକ ବଡ ମେଡିକାଲରୁ ପଠାଇଥିଲୁ; ଯାହା ଆର୍ଥିକ ସହାୟତା ଅଛି ସରକାରୀ ନିୟମ ଅନୁଯାୟୀ ଉକ୍ତ ମହିଳାଙ୍କୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତେବେ ଏଭଳି ଭୁଲ ଅସ୍ତ୍ରୋପଚାର ପାଇଁ ଆଜି ଦୁଇଟି ନିରୀହ ଜୀବନ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ତୁରନ୍ତ ଉକ୍ତ ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ସହ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସରକାରୀ ସହାୟତା ପାଇଁ ପରିବାର ଲୋକେ ତଥା ମହିଳାଙ୍କ ବାପା ସଦାନନ୍ଦ କର ଓ ଭାଇ ମନୋଜ କର ସିଡିଏମଓଙ୍କୁ ଭେଟି ଦାବି କରିଛନ୍ତି।



## ଆଇନ୍ ସେବା ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୧୯ ।୨(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହନୁମାନଜୀଉ ହାଇସ୍କୁଲ, ବରାଳପୋଖରୀ, ଚରମ୍ପା ପରିସରରେ ପ୍ରବାସୀ ଶ୍ରମିକମାନଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ତଥା ସେମାନଙ୍କ ସମସ୍ୟା ଏବଂ ସ୍ଥାୟୀ ଓ ନିରନ୍ତର ଲୋକଅଦାଲତର ବିଭିନ୍ନ ଯୋଜନା ତତ୍‌ସହିତ ଏହି କାର୍ଯ୍ୟାଳୟ ମାଧ୍ୟମରେ କିପରି ଜଣେ ସାଧାରଣ ନାଗରିକଟିଏ ବିଭିନ୍ନ ସମସ୍ୟାର ସମାଧାନ ପାଇ ପାରୁଛି ଏବଂ ନାଲସା ସହାୟତା ୧୫୧୦୦ ନମ୍ବରର ପ୍ରଚାର ଓ ପ୍ରସାର ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ କାର୍ଯ୍ୟାଳୟ ସହାୟତାରେ କାର୍ଡ଼ ବଣ୍ଟନ କରିଥିଲେ। ମୋଜାହିଦ ଅଖତାର ଖାନ୍, ଡେପୁଟି ଚିଫ୍, ଏଲ୍.ଏ.ଡି.ସି. ଏସ୍, ଭଦ୍ରକ, ନେପାଳ ଚନ୍ଦ୍ର ଦାସ, ମେମ୍ବର (ପିଏଲଏ) ପିୟୁଏସ୍, ଭଦ୍ରକ, ଲକ୍ଷ୍ମୀଧର ଖଟୁଆ ପ୍ରଧାନଶିକ୍ଷକ, ହନୁମାନ ହାଟ ବିଦ୍ୟାଳୟ, ପ୍ରତ୍ୟୁଷ ବେହେରା ଏବଂ ଲୋକନାଥ ଦାସ, ଲେଦର ଇନ୍‌ସପେକ୍ଟର, ଭଦ୍ରକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର କର୍ମଚାରୀମାନେ ସହଯୋଗ କରିଥିଲେ।

